ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୮୮
୧୫ ନଭେମ୍ବର, ୨୦୨୫ ଶନିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 188
15th November, 2025 Saturday
Kendrapara

ODISHA EXPRESS    SIGHTS TRUTH WRITES TRUTH    ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in    E-mail : odishaexpress@gmail.com    RNI Regd. No. ODIODI/2009/28880    ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ନ ସା ସଭା ଯତ୍ର ନ ସନ୍ତି ବୃଦ୍ଧା ନ ତେ ବୃଦ୍ଧା ଯେ ନ ବଦନ୍ତି ଧର୍ମମ୍
ନା ସୌ ଧର୍ମୋ ଯତ୍ର ନ ସତ୍ୟମସ୍ତି ନ ତତ୍ ସତ୍ୟଂ ଯଚ୍ଛଳେନାଭ୍ୟୁପେତମ**

ଯେଉଁ ସଭାରେ ବୃଦ୍ଧଜନ ବିଦ୍ୟମାନ ନଥାନ୍ତି ସେ ସଭା ସଭା ନୁହେଁ। ଯେଉଁମାନେ ଧର୍ମସଂଗତ କଥା ନ କହନ୍ତି, ସେମାନେ ଯଥାର୍ଥ ବୃଦ୍ଧ ନୁହନ୍ତି। ଯେଉଁ ଧର୍ମ ସତ୍ୟକୁ ଅନୁସରଣ ନକରେ ତାହା ଧର୍ମ ନୁହେଁ। ଯାହା କପଟତାରେ ପରିପୂର୍ଣ୍ଣ ତାହା ସତ୍ୟ ନୁହେଁ।

# ଜୟଙ୍କ ବଡ଼ ବିଜୟ: ବିଜେପି ହାତକୁ ଗଲା ନୂଆପଡ଼ା

**ଭୁବନେଶ୍ୱର,୧୪।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡା ଉପନିର୍ବାଚନରେ ବାଜି ମାରିଛି ବିଜେପି। ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ୮୩ ହଜାର ୭୪୮ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି। ଏହା ସହିତ ନୂଆପଡା ଆସନଟି ବିଜେଡି ହାତରୁ ଚାଲିଯାଇଛି। ୨୫ ବର୍ଷର ଶାସନ ପରେ କ୍ଷମତାଚ୍ୟୁତ ହୋଇଥିବା ବିଜୁ ଜନତା ଦଳକୁ ନୂଆପଡ଼ାରେ କେବଳ ପରାଜୟର ସାମ୍ନା କରିବାକୁ ପଡ଼ିନାହିଁ, ବରଂ ୩ୟ ସ୍ଥାନରେ ରହି ବଡ଼ ବିଫଳତାର ସ୍ୱାଦ ଚାଖିଛି। ଖୋଦ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବାରମ୍ବାର ନୂଆପଡ଼ାରେ ପ୍ରଚାର କରିଥିଲେ ହେଁ ଭୋଟରଙ୍କୁ ଆକର୍ଷିତ କରିବାରେ ବିଫଳ ହୋଇଛନ୍ତି। ନବୀନ କ୍ରେଜ ନୂଆପଡ଼ାରେ ଫିକା ପଡ଼ିଯାଇଛି।



ରାଜନୀତିରେ ୨୫ ବର୍ଷର ଅଭିଜ୍ଞତା ଶେଷରେ ହାର ମାନିଛି। ଏହି ପରାଜୟ ପରେ ବିଜେଡି ଶିବିରରେ ନିରାଶା ଦେଖିବାକୁ ମିଳିଛି। ଅନ୍ୟପଟେ କଂଗ୍ରେସ ୨ୟ ସ୍ଥାନରେ ରହି ନିଜର ସମ୍ମାନ ରଖିଛି।

ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ୧ ଲକ୍ଷ ୨୩ ହଜାର ୮୬୯ ଖଣ୍ଡ ଭୋଟ୍ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ୪୦ ହଜାର ୧୨୧ ଖଣ୍ଡ ଭୋଟ୍ ପାଇଛନ୍ତି। ସେହିପରି ତୃତୀୟ ସ୍ଥାନକୁ ଖସି ଯାଇଥିବା ବିଜେଡି ୩୮ ହଜାର ୪୦୮ ଖଣ୍ଡ ଭୋଟ୍ ପାଇଛି। ବିଜେଡି ଏଥର ସ୍ନେହାଙ୍ଗିନୀ ଛୁରିଆଙ୍କୁ ଏଠାରୁ ପ୍ରାର୍ଥୀ କରିଥିଲା। ଏହି ଉପନିର୍ବାଚନରେ ଚତୁର୍ଥ ସ୍ଥାନରେ ରହିଛି ନୋଟା ବା ଉପରୋକ୍ତ (ପ୍ରାର୍ଥୀ) ମାନଙ୍କ ମଧ୍ୟରୁ କେହି ନୁହନ୍ତି। ନୋଟା ସପକ୍ଷରେ ୨୨୪୮ ଖଣ୍ଡ ଭୋଟ୍ ପଡିଛି।

ପଞ୍ଚମ ସ୍ଥାନରେ ରହିଛନ୍ତି ସ୍ୱାଧୀନ ପ୍ରାର୍ଥୀ ଲୋଚନ ସିଂହ ମାଝୀ। ସେ ୨୧୩୭ ଖଣ୍ଡ ଭୋଟ୍ ପାଇଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ଲକ୍ଷ୍ମୀକାନ୍ତ ତାଣ୍ଡି ୧୩୨୨ ଖଣ୍ଡ

### ସମ୍ମାନ ରଖିଲା କଂଗ୍ରେସ
### ନବୀନ ଜଣାଇଲେ ଶୁଭେଚ୍ଛା

ଭୋଟ୍ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ କିଶୋର କୁମାର ବାଗ ୭୪୩, ଭୁବନଲାଲ ସାହୁ ୭୨୧, ହେମନ୍ତ ତାଣ୍ଡି ୬୬୨, ଚକ୍ରାନ୍ତ ଜେନା ୫୨୯, ଭକ୍ତବନ୍ଧୁ ଧରୁଆ ୫୧୧, ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ ୪୮୯, ସ୍ୱାଧୀନ ପ୍ରାର୍ଥୀ ନୀତା ବାଗ ୪୭୪, ଆଶ୍ରୟ ମହାନନ୍ଦ ୧୯୧ ଓ ଓଡିଶା ଜନତା ପାର୍ଟିର ସୁଧାକର ଦଣ୍ଡସେନା ୧୬୭ ଖଣ୍ଡ ଭୋଟ୍ ପାଇଛନ୍ତି।

୨୦୨୪ ସାଧାରଣ ନିର୍ବାଚନରେ ନୂଆପଡା ବିଧାନସଭା ଆସନରେ ବିଜୟୀ ହୋଇଥିଲେ ବିଜେଡି ପ୍ରାର୍ଥୀ ତଥା ଜୟ ଢୋଲକିଆଙ୍କ ବାପା ରାଜେନ୍ଦ୍ର ଢୋଲକିଆ। ତେବେ ତାଙ୍କ ମୃତ୍ୟୁ ପରେ ଏହି ଉପନିର୍ବାଚନ କରାଯାଇଥିଲା। ଏଥିରେ ତାଙ୍କ ପୁଅ ଜୟ ବିଜେପିରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିବା ବେଳେ ବିଜେଡି ତୃତୀୟ ସ୍ଥାନକୁ ଖସି ଯାଇଛି। ନୂଆପଡାବାସୀଙ୍କୁ ଏହି ବିଜୟର ଶ୍ରେୟ ଦେଇଛନ୍ତି ଜୟ ଢୋଲକିଆ। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ତାଙ୍କ ବାପାଙ୍କ ପାଇଁ ଏହି ବିଜୟ ମିଳିଛି ବୋଲି ସେ କହିଛନ୍ତି।

୨୦୦୯, ୨୦୧୪, ୨୦୧୯ **(ଶେଷ ପୃଷ୍ଠା ଦେଖନ୍ତୁ)**

## ଆତଙ୍କବାଦ ଗତିବିଧିରେ ସାମିଲ ଡାକ୍ତରଙ୍କ ଲାଇସେନ୍ସ ରଦ୍ଦ
# ମାଟିରେ ମିଶିଲା ଉମର ନବୀର ପୈତୃକ ଘର

**ନୂଆଦିଲ୍ଲୀ,୧୪।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀ ଲାଲକିଲା ଅଞ୍ଚଳରେ ୧୦ ନଭେମ୍ବର ସୋମବାର ସନ୍ଧ୍ୟାରେ ହୋଇଥିବା କାର ବିସ୍ଫୋରଣ ମୃତ୍ୟୁ ସଂଖ୍ୟା ବଢ଼ି ୧୩ ହୋଇଯାଇଛି। ବିସ୍ଫୋରଣ ପରେ ପୋଲିସ ଓ ତଦନ୍ତକାରୀ ସଂସ୍ଥାମାନେ ମାମଲାର ଯାଞ୍ଚ କରୁଛନ୍ତି। ଏହି ମାମଲାରେ ଏ ପର୍ଯ୍ୟନ୍ତ ୬ ଜଣ ଡାକ୍ତରଙ୍କ ସମେତ ମୋଟ ୧୨ ଜଣଙ୍କୁ ଗିରଫ କରାଯାଇଛି। ପ୍ରାରମ୍ଭିକ ଯାଞ୍ଚ ଅନୁସାରେ ଏହି ମାମଲା ଆତଙ୍କବାଦୀ ଷଡ଼ଯନ୍ତ୍ର ସହ ସମ୍ପୃକ୍ତ ବୋଲି ଜଣାପଡିଛି।

ଜମ୍ମୁ-କାଶ୍ମୀର ପୋଲିସ ଓ ଷ୍ଟେଟ ମେଡିକାଲ କାଉନସିଲରୁ ମିଳିଥିବା ସୂଚନା ଅନୁସାରେ ନ୍ୟାସନାଲ ମେଡିକାଲ କାଉନସିଲ (ଏନଏମସି) ବଡ଼ କାର୍ଯ୍ୟାନୁଷ୍ଠାନ କରିଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ଡା. ମୁଜଫର ଅହମଦ, ଅଦିଲ ଅହମଦ ରାଠର, ମଜମିଲ ସକିଲ ଓ ଡା. ସାହୀନ ସଈଦଙ୍କ ମେଡିକାଲ ରେଜିଷ୍ଟ୍ରେସନକୁ ତୁରନ୍ତ ପ୍ରଭାବ ରଦ୍ଦ କରିଦିଆଯାଇଛି। ଏମାନଙ୍କ ନାମ ଆତଙ୍କବାଦ ଗତିବିଧି ସହ ଜଡିତ ଥିବା **(ଶେଷ ପୃଷ୍ଠା ଦେଖନ୍ତୁ)**

# ଏବେ ଚିନ୍ତାରେ ପଶ୍ଚିମବଙ୍ଗ

**ନୂଆଦିଲ୍ଲୀ/କୋଲକାତା: ୪।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ବିହାରରେ ଏନଡିଏର ପ୍ରଚଣ୍ଡ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ପାର୍ଟି ପାଇଁ ପରବର୍ତ୍ତୀ



ଟାର୍ଗେଟ୍ ସ୍ଥିର କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ଏହି ବିଜୟ ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ ପରି ରାଜ୍ୟର ପାର୍ଟି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଶକ୍ତି ଭରି ଦେଇଛି। ଏବେ ବିଜେପି ପଶ୍ଚିମବଙ୍ଗରୁ ବି ଜଙ୍ଗଲରାଜ ଉପାଡ଼ି ଫୋପାଡ଼ିବ। ସେ କହିଛନ୍ତି, ଗଙ୍ଗା ନଦୀ ବି ବିହାରରୁ ପ୍ରବାହିତ ହୋଇ ପଶ୍ଚିମବଙ୍ଗ ପହଞ୍ଚେ।

ପ୍ରଧାନମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ପରେ ଏବେ ଚିନ୍ତାରେ ପଡ଼ିଛି ତୃଣମୂଳ କଂଗ୍ରେସ। ତୃଣମୂଳ କଂଗ୍ରେସ (ଟିଏମସି) ଶୁକ୍ରବାର କହିଛି ଯେ ବିହାର ନିର୍ବାଚନର ପ୍ରଭାବ ଆଗାମୀ ବର୍ଷ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଉପରେ ପଡିବ ନାହିଁ। ଟିଏମସି ମୁଖପାତ୍ର କୁଣାଳ ଘୋଷ କହିଛନ୍ତି ଯେ ଆଗାମୀ ବିଧାନସଭା ନିର୍ବାଚନ ପରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ପାର୍ଟି ୨୫୦ରୁ ଅଧିକ ଆସନ

### କିଛି ପ୍ରଭାବ ପଡ଼ିବନି: ଟିଏମସି

ସହିତ ଚତୁର୍ଥବାର ସରକାର ଗଢିବ।

ସେ କହିଛନ୍ତି ଯେ ବିହାର ନିର୍ବାଚନ ଫଳାଫଳ ବିଜେପି ବିପକ୍ଷରେ କଂଗ୍ରେସ ବିଫଳ ବୋଲି ପୁଣି ପ୍ରମାଣିତ କରିଛି। ପୂର୍ବତନ ରାଜ୍ୟସଭା ସଦସ୍ୟ ଘୋଷ କହିଛନ୍ତି ଯେ 'ଏହା ବିହାରର ସମୀକରଣ'। ଏହା ସହ ବେଙ୍ଗଲର କୌଣସି ସମ୍ପର୍କ ନାହିଁ। ଏଣୁ ବେଙ୍ଗଲ ଉପରେ କୌଣସି ପ୍ରଭାବ ପଡିବ ନାହିଁ। ବେଙ୍ଗଲରେ ବିକାଶ, ଏକତା, ସଦଭାବ, ଅଧିକାର ଓ ସ୍ୱାଭିମାନ ହିଁ କାରକ। ୨୫୦ରୁ ଅଧିକ ଆସନରେ ମମତା ବାନାର୍ଜୀ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବେ। ତେବେ ତୃଣମୂଳ ନେତା କହିଛନ୍ତି ଯେ ବିହାରରେ ବିଜେପି-ଜେଡି(ୟୁ) ସମ୍ପର୍କ ଆଗକୁ **(ଶେଷ ପୃଷ୍ଠା ଦେଖନ୍ତୁ)**

# ବିହାରରେ ଏନଡିଏ ସୁନାମୀ: ଭୁଶୁଡ଼ିଲା ମହାମେଣ୍ଟ

**ପାଟନା,୧୪।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିହାରରେ ଏନଡିଏ ସୁନାମୀ। ବିହାର ନିର୍ବାଚନରେ ଏନଡିଏକୁ ଐତିହାସିକ ବିଜୟ ମିଳିଛି। ବିପୁଳ ଆସନରେ ଏନଡିଏ ବିଜୟଲାଭ କରି ବିରୋଧୀ ମହାମେଣ୍ଟକୁ କଡ଼ା ଜବାବ ଦେଇଛି। ମହାମେଣ୍ଟ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ସରକାର ଗଢ଼ିବାର ସ୍ୱପ୍ନ ଦେଖୁଥିବା ବିରୋଧୀଙ୍କ ମହାମେଣ୍ଟ ୫୦ଟି ଆସନ ବି ଦଖଲ କରିପାରି ନାହିଁ। ମାତ୍ର ୩୫ ଆସନ ପାଇଛି ମହାମେଣ୍ଟ।

୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାରେ ସଂଖ୍ୟା ଗରିଷ୍ଠତା ପାଇଁ କୌଣସି ଦଳକୁ ୧୨୨





ଆସନରେ ବିଜୟୀ ହେବା ଆବଶ୍ୟକ ଥିଲା। ବିଭିନ୍ନ ସଂସ୍ଥା ପକ୍ଷରୁ ହୋଇଥିବା ଆକଳନ ଅନୁସାରେ ଏନଡିଏ(ବିଜେପି, ଜେଡିୟୁ, ଏଲଜେପି ଓ ଅନ୍ୟାନ୍ୟ ସହଯୋଗୀ ଦଳ) ୧୫୦ରୁ ୧୬୦ ଆସନରେ ବାଜି ମାରିବ ବୋଲି କୁହାଯାଉଥିଲା। ହେଲେ **(ଶେଷ ପୃଷ୍ଠା ଦେଖନ୍ତୁ)**

## ୭ ରାଜ୍ୟରେ ୮ ଉପ ନିର୍ବାଚନ
## ବିଜେପିକୁ ୨ କଂଗ୍ରେସକୁ ୨

**ନୂଆଦିଲ୍ଲୀ,୧୪।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିହାର ବିଧାନସଭା ନିର୍ବାଚନ ସହିତ ଦେଶର ୭ ରାଜ୍ୟଙ୍କ ୮ଟି ସିଟ୍ ରେ ଉପନିର୍ବାଚନ ମଧ ହୋଇଛି। ଏଥିରୁ ଜମ୍ମୁ-କାଶ୍ମୀରର ୨ଟି ଆସନରେ ଉପନିର୍ବାଚନ ହୋଇଥିବା ବେଳେ ଝାଡ଼ଖଣ୍ଡ, ମିଜୋରାମ, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ ଓ ତେଲେଙ୍ଗାନର ଗୋଟିଏ ଲେଖାଏଁ ବିଧାନସଭା ଆସନ ପାଇଁ ଭୋଟଗ୍ରହଣ ହୋଇଥିଲା। ଶୁକ୍ରବାର ଫଳାଫଳ ଆସିଥିବା ବେଳେ ୮ଟି ଆସନରୁ କଂଗ୍ରେସକୁ ୨ଟି ମିଳିଥିବା ବେଳେ ବିଜେପିକୁ ୨, ପିଡିପକୁ ଗୋଟିଏ, ଜେଏମଏମକୁ ଗୋଟିଏ, ଏମଏନଏଫକୁ ଗୋଟିଏ ଓ ଆପକୁ ଗୋଟିଏ ଲେଖାଏଁ ଆସନ ମିଳିଛି।

ଏହି ସବୁ ଆସନରେ ନଭେମ୍ବର ୧୧ ତାରିଖ ଦିନ ଉପନିର୍ବାଚନ ନିମନ୍ତେ ଭୋଟ ଗ୍ରହଣ ହୋଇଥିଲା। ଶୁକ୍ରବାର ବିହାର ବିଧାନସଭା ନିର୍ବାଚନର ଭୋଟ ଗଣତି ସହ ଭୋଟ ଗଣନା **(ଶେଷ ପୃଷ୍ଠା ଦେଖନ୍ତୁ)**

# ଗୋରୁ ମାଫିଆଙ୍କ ଗୁଳିମାଡରେ ମାନସିକ ଭିନ୍ନକ୍ଷମ ଯୁବକ ଗୁରୁତର

**କେନ୍ଦ୍ରାପଡ଼ା,୧୪।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାରେ ବେଆଇନ ଗୋଚାଲାଣକାରୀ ଓ ଗୋରୁ ଚାଲାଣକାରୀଙ୍କ ଠାରୁ ବଟୀ ଆଦାୟ କରୁଥିବା ଗୋଷ୍ଠୀ ମୁହାଁମୁହିଁ ହେବା ସାଧାରଣ ଘଟଣା । ନିୟମିତ ଏହା ଦେଖିବାକୁ ମିଳେ । ହେଲେ ଏହି ଗୋରୁ ଚାଲାଣ ଓ ବଟୀ ଆଦାୟକୁ ନେଇ ପ୍ରଥମ ଥର ପାଇଁ ଗୁଳି ଫୁଟିଛି । ଆଉ ଏହି ଗୁଳିମାଡ଼ରେ ଗୁରୁତର ହୋଇଛନ୍ତି ମାର୍ଶାଘାଇ ଥାନା ପସ୍ତା ଗାଁର ଜନୈକ ମାନସିକ ଭିନ୍ନକ୍ଷମ ଯୁବକ । କେନ୍ଦ୍ରାପଡ଼ା ସଦରଥାନା ଇଲାକାର ନରଣପୁର ଗ୍ରାମରେ ଗତ ଗୁରୁବାର ବିଳମ୍ବିତ ରାତିରେ ଘଟିଛି ଏହି ଘଟଣା। କେନ୍ଦ୍ରାପଡ଼ା ସଦରଥାନା ପୋଲିସ ସୂତ୍ରରୁ ଜଣାଯାଇଛି ଯେ, ପସ୍ତା ଗ୍ରାମର କିରଣ ଦାସଙ୍କ ୩୦ବର୍ଷର ମାନସିକ ଦୁର୍ବଳ ପୁଅ ଅକ୍ଷୟ ଦାସ ପ୍ରାୟତଃ ନରଣପୁର ରେ ରୁହେ। କେଉଁଠି କ'ଣ ଦି'ଟା ଖାଇବା ପରେ ଗାଁର କ୍ଲବ୍ ଘରେ ଶୋଇଥାଏ। ଗତ ଗୁରୁବାର ରାତି ପ୍ରାୟ ୧ଟା ବେଳେ ଏକ ଟାଟା ଏସିଇ ଗାଡ଼ିରେ କେନ୍ଦ୍ରାପଡ଼ା -ଗଣ୍ଡାକିଆ ରାସ୍ତାରେ ଗୋରୁ ଚାଲାଣ ହେଉଥିବାଦେଖି କିଛି ଯୁବକ ଗାଡ଼ିଟାକୁ ଅଟକାଇ ଏହାର ବିରୋଧ କରିଥିଲେ। ହେଲେ ଗାଡ଼ିଟି ନଅଟକି ଜୋରରେ ଚାଲିଯାଇଥିଲା। ଏହାର ୧୦ମିନିଟ୍ ପରେ ଏକ ବୋଲେରୋରେ ଗୋରୁ ଚାଲାଣକାରୀଙ୍କ ସପକ୍ଷବାଦୀ କିଛି ଯୁବକ ମାରଣାସ୍ତ୍ରରେ ସଜ୍ଜିତ ହୋଇ ଆସି ଘଟଣା ସ୍ଥଳରେ ପହଂଚିବା ସହିତ ଗୋରୁ ଗାଡ଼ି ଅଟକାଉଥିବା ଯୁବକଙ୍କୁ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ଗୋଡ଼ାଇଥିଲେ। ଏହି ଗୋଡ଼ାଗୋଡ଼ି ଭିତରେ ଗୋରୁ ଗାଡ଼ି ଅଟକାଇବାକୁ ଉଦ୍ୟମ କରିଥିବା ଯୁବକମାନେ ପାଖ ନରଣପୁର ଗାଁ ଭିତରକୁ ଦୌଡ଼ି ଚାଲିଯାଇ ଆତ୍ମଗୋପନ କରିନେଇଥିଲେ । ହେଲେ ଏହି ଗୋଡ଼ାଗୋଡ଼ି ଓ ପାଟିତୁଣ୍ଡ ଶୁଣି କ୍ଲବ୍ ଘରେ ଶୋଇଥିବା ଅକ୍ଷୟ ପଦାକୁ ଆସିଯିବାରୁ ଗୋରୁ ଚାଲାଣକାରୀଙ୍କ ଗୁଣ୍ଡାମାନେ ଅକ୍ଷୟଙ୍କୁ ସଂପୃକ୍ତ **(ଶେଷ ପୃଷ୍ଠା ଦେଖନ୍ତୁ)**

# କେହି ଆସିଲେନି: କାମଚଳା ଢଙ୍ଗରେ ହେଲା କାର୍ଯ୍ୟକ୍ରମ

**ଆଳି,୧୪।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆଳି ପ୍ରାଣୀ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବହୁ ଆଡମ୍ବରେ ଲଘୁକ୍ରିୟା ପରି ଏହି ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଫସର ଫାଟିଲା ପରି ହୋଇଛି। ଏହି ଉତ୍ସବକୁ ସାଂସଦ, ବିଧାୟକ କେହି ନଆସିବାରୁ କାମଚଳା ଢଙ୍ଗରେ ସମାପନ ହୋଇଛି କାର୍ଯ୍ୟକ୍ରମ। ଆଳି ବ୍ଲକ ପ୍ରାଣୀ ଚିକିତ୍ସାଳୟର ଅଧିକାରୀ ବଦ୍ରି ନାରାୟଣ ଚନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ଭକ୍ତବନ୍ଧୁ ମିଶ୍ର ଯୋଗଦେଇ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସକ ସୁଧାଂଶୁ ସାମନ୍ତରାୟ, ପ୍ରାଣୀ ଚିକିତ୍ସକ ବିକାଶ ବେହେରା, ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଆଲୋକ ନାଥ, ବ୍ଲକ ମତ୍ସ୍ୟ ବିଭାଗ ଅଧିକାରୀ ସସ୍ମିତା ବାରିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବିଷୟରେ ଆଲୋକ ପାତ କରିଥିଲେ। ଗାଈ, ଛେଳି, ମେଣ୍ଢା, କୁକୁଡ଼ା, ମାଛ ଆଦି ବିଭିନ୍ନ ପ୍ରକାର ଚାଷ କରି ସ୍ୱାବଲମ୍ବୀ ହେବା ନିମନ୍ତେ ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଥିଲେ। ଏହି ଚାଷ ନିମନ୍ତେ ସରକାରୀ ସୁବିଧା ବିଷୟରେ ଚାଷୀମାନଙ୍କୁ ଅବଗତ କରାଯିବା ସହିତ ଯେଉଁମାନେ ଏହି ସୁବିଧା ନେଇ ଚାଷ କରିବାକୁ ଇଛୁକ ଅଛନ୍ତି ସେମାନେ ଅନଲାଇନରେ ଆବେଦନ କରିବା ସହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସୁବିଧା ନେବା ନିମନ୍ତେ ଅବଗତ କରାଯାଇଥିଲା। ଏହି ଅବସରରେ ସରକାରୀ ଯୋଜନା ହାତେଇ ସ୍ୱାବଲମ୍ବୀ ହୋଇଥିବା ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

କୁକୁଡ଼ା, ମାଛ, ଛେଳି, ମାଛ, ଗାଈ ଚାଷ କରି ସଫଳତା ପାଇଥିବା ସଫଳ ଚାଷୀ ଭାବେ ମନୋରଞ୍ଜନ ମିଶ୍ର, ବିଦ୍ୟାଧର ଦାଶ, ସୁବାସ ଚନ୍ଦ୍ର ଦାସ, ଦେବଯାନୀ ସେଠୀ, ଶୁଭ୍ରଜିତ ପରିଡା, ଲାଲମୋହନ ରାଉତଙ୍କ ସମେତ ଛେଳିପାଳନ କ୍ଷେତ୍ରରେ ପଦନୀପାଳ ପଞ୍ଚାୟତର ଜୟ ଜଗନ୍ନାଥ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ମହୁ ପଞ୍ଚାୟତର ଦୁର୍ଗତି ନାଶିନୀ ସ୍ୱୟଂ ସହାୟକ ଗୋଷ୍ଠୀ ମାଛ ଚାଷ କ୍ଷେତ୍ରରେ ସଫଳତା ପାଇଥିବାରୁ ସେମାନଙ୍କୁ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ପାଲା ମାଧ୍ୟମରେ ସରକାରୀ ଯୋଜନା ସମ୍ବନ୍ଧରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସର୍ବେଶ୍ୱର ନାଥ, ନିରାକାର ମଲ୍ଲିକ, ରତିରଞ୍ଜନ ମିଶ୍ର, ସତ୍ୟବ୍ରତ ଦାସ, ବାସୁଦେବ ପଲାଇ, ରଞ୍ଜିତ ପରିଡାଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।




# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୫ ନଭେମ୍ବର ୨୦୨୫ । ଶନିବାର




## ଟ୍ରକ ବାଇକ ମୁହାଁମୁହିଁ ଧକ୍କା, ଜଣେ ମୃତ



**କୋଦଳା/ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ଗତ ଗୁରୁବାର ବିଳମ୍ବିତ ରାତ୍ରରେ ଗଞ୍ଜାମ ଜିଲ୍ଲା କୋଦଳା ଥାନା ମେଳିସାହୁ ପେଟ୍ରୋଲ ପମ୍ପ ସମ୍ମୁଖରେ ଗୋଟିଏ ଟ୍ରକ ସହିତ ବାଇକର ମୁହାଁମୁହିଁ ଧକ୍କା ଫଳରେ ବାଇକ ଚାଳକ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି । ମିଳିଥିବା ସୂଚ଼ନା ଅନୁସାରେ, କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଅର୍ଜୁନପଲ୍ଲୀ ଗ୍ରାମର ପୂର୍ଣ୍ଣ ଚ଼ନ୍ଦ୍ର ନାହାକ କୋଦଳା ନିବାସୀ କୁମାର ବାବୁ ବେହେରାଙ୍କ ନିକଟକୁ ଆସି କାମ ସାରି ଅର୍ଜୁନପଲ୍ଲୀରେ ଛାଡିବାକୁ ଯାଉଥିବା ବେଳେ ଭୁବବନେଶ୍ୱର ଆସିକା ମୁଖ୍ୟ ରାସ୍ତାର ମେଳିସାହୁ ପେଟ୍ରୋଲ ପମ୍ପ ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । 'ଧକ୍କାର ପ୍ରଭାବରେ ବାଇକ ସହିତ ଆରୋହୀ ଦୁଇଜଣ ଛିଟିକି ପଡ଼ିଥିଲେ । ଦୁଇଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇବା ପରେ ଡାକ୍ତର କୁମାର ବାବୁ ବେହେରାଙ୍କୁ ମୃତ ଘୋଷଣା କରିଥିଲେ ଏବଂ ଗୁରୁତର ପୂର୍ଣ୍ଣଙ୍କୁ ପ୍ରାଥମିକ ଚ଼ିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିବା ଜଣାପଡିଛି, ଘଟଣାସ୍ଥଳରେ ପୋଲିସ ପହଞ୍ଚି ଟ୍ରକକୁ ଜବତ କରିବା ସହିତ ଡ୍ରାଇଭର, ହେଲ୍ପରକୁ ଅଟକ ରଖି ତନାଘନା ଜାରି ରଖିଛି ।

## ୬୦ ବର୍ଷର ପୁରୁଣା ରାସ୍ତାକୁ ନେଇ ବିବାଦ



**କୋରାପୁଟ: ଏକ୍ସପ୍ରେସ ନ୍ୟୁଜ୍**

କୋରାପୁଟ ବ୍ଲକ ଅନ୍ତର୍ଗତ ଝଡିଗୁଡା ଗ୍ରାମ ସହ ଚ଼ାରି ଖଣ୍ଡ ଗ୍ରାମକୁ ସଂଯୋଗ କରୁଛି ଷାଠିଏ ବର୍ଷର ପୁରୁଣା ରାସ୍ତା ଓ ଏହି ରାସ୍ତାର ଅବସ୍ଥା ଶୋଚ଼ନୀୟ ହେଇ ପଡିଥିଲା । ବର୍ତ୍ତମାନ ତାହା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କିଛି ଦିନ ପୂର୍ବେ ଟେଣ୍ଡର କରାଯାଇ ପିଏମଜିଓ୍ୱାଇ ଯୋଜନାରେ ଏକ ପିଚୁ ରୋଡର ଟେଣ୍ଡର ପାସ କରାଯାଇ କାମ ଆରମ୍ଭ ହେଇଯାଇଥିଲା । ଦୁଇ ପୀଢିର ଏହି ପୁରୁଣା ରାସ୍ତା ଯେବେ ସର୍ବସାଧାରଣ ପାଇଁ ପ୍ରସ୍ତୁତ କରାଯାଇଥିଲା ସେତେବେଳେ ପ୍ରାୟ ୧୦ଜଣ ଲୋକ ସ୍ୱଇଚ୍ଛାରେ ଜମି ପ୍ରଦାନ କରିଥିଲେ । ସେଥିମଧ୍ୟରୁ ରଙ୍ଗାବାଲୀ କୁମ୍ଭାର ସମୀର ସୁନାଙ୍କ ବାପା ବି ନିଜସ୍ୱ ଇଚ୍ଛାରେ ଜମି ଦେଇଥିଲେ । ଏହା ପୂର୍ବରୁ ବହୁ ବାର ପିଚୁ ରୋଡ ହେଇଥିବା ବେଳେ କାହାର କୌଣସି ଅଭିଯୋଗ ନଥିଲା, କିନ୍ତୁ ଦୀର୍ଘ ୬୦ ବର୍ଷ ପରେ ସମୀର ସୁନା ହଠାତ ଆସି ମୋର ବାପାଙ୍କର ଜାଗା ଅଛି କହି କାମ ବନ୍ଦ କରିବାକୁ ପ୍ରୟାସ କରିଥିବା ସହ କାମ କରୁଥିବା ଠିକାଦାରଙ୍କୁ ଧମକ ଦେଇଥିଲେ । ତେବେ ଏଠି ପାଞ୍ଚ ଖଣ୍ଡ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି ଯେ ବିଗତ ବର୍ଷମାନଙ୍କରେ ଯେବେ ରୋଡ଼ କାମ ହେଇଛି ସେତେବେଳେ ସମୀର କୁଆଡେ ଯାଇଥିଲେ ଏବଂ ବର୍ତ୍ତମାନ ସେ ଠିକାଦାରଙ୍କ ଠାରୁ ମୋଟା ଅଙ୍କର ଟଙ୍କା ଆଶା କରି ଏହିଭଳି ଧମକ ଦେବା ସହ କାମ ବନ୍ଦ କରିଥିଲେ ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି । ପାଞ୍ଚଟି ଗ୍ରାମର ଗ୍ରାମବାସୀ ସମୀର ସୁନାଙ୍କ ବିରୋଧରେ ଅଭିଯୋଗ ନେଇ ଜିଲ୍ଲାପାଳଙ୍କୁ ଓ ସ୍ଥାନୀୟ ବିଧାୟକ, ଟାଉନ ଥାନା ଅଧିକାରୀଙ୍କ ଦ୍ୱାରସ୍ଥ ହେଇଥିଲେ । ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି ଯେ ସର୍ବସାଧାରଣଙ୍କ ସୁବିଧା ସୁଯୋଗ ନିମନ୍ତେ ରହିଥିବା ଏହି ୬୦ବର୍ଷର ପୁରୁଣା ରାସ୍ତା କିଭଳି ଜଣେ ନିଜର ସ୍ୱାର୍ଥ ହାସଲ ପାଇଁ ଠିକାଦାରଙ୍କୁ ଧମକ ଦେଇ କାମ ବନ୍ଦ କରୁଛି । ତେବେ ଯଥା ଶୀଘ୍ର ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଏହାର ସମାଧାନ କଲେ ପାଞ୍ଚଟି ଗ୍ରାମର ଗ୍ରାମବାସୀ ଉପକୃତ ହେଇପାରିବେ ।

## ଠାକୁରମୁଣ୍ଡା ବନ୍ଧର ପୁନରୁଦ୍ଧାର ଦାବି

**ଠାକୁରମୁଣ୍ଡା: ଏକ୍ସପ୍ରେସ ନ୍ୟୁଜ୍**



ଠାକୁରମୁଣ୍ଡା ବଜାରକୁ ଲାଗି ଠାକୁରମୁଣ୍ଡା- କରଞ୍ଜିଆ ରାସ୍ତା ପାର୍ଶ୍ୱରେ ଥିବା ସର୍ବ ପୁରାତନ ଠାକୁରମୁଣ୍ଡା ବନ୍ଧର ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ଏହି ବନ୍ଧର ପରିସିମା (୭ ଏକର ୪୪ ଡ଼ିସିମିଲ) । ଏହା ରାଜା ରାଜୁଡା ସମୟରୁ ଖନନ କାର୍ଯ୍ୟ ହୋଇଥିବା ବେଳେ ଲୋକେ ବ୍ୟବହାର କରି ଆସୁଥିବା ଏହି ବନ୍ଧଟି ଦୀର୍ଘ ବର୍ଷ ଧରି ଦଳଘାସ ଓ ପଙ୍କରେ ଭର୍ତ୍ତି ହୋଇଯିବା କାରଣରୁ ଏହା ବ୍ୟବହାର ଯୋଗ୍ୟ ହୋଇ ପାରୁନାହିଁ । ଆଗରୁ ଏହି ବନ୍ଧର ଜଳରେ ଗାଧେଇବା ସହିତ କେନାଲ ପାଣି ବ୍ୟବହାର କରି ଚ଼ାଷ ମଧ୍ୟ କରାଯାଉଥିଲା । ମାତ୍ର ବିଡମ୍ବନାର ବିଷୟ ଦିନକୁ ଦିନ ରାକ୍ଷଣବେକ୍ଷଣର ଅଭାବ ହେତୁ ଅନାବନା ଦଳ ସହ ଚ଼ିଙ୍ଗୁଡ଼ିଆ ଦଳ ବନ୍ଧରେ ଭର୍ତ୍ତି ହୋଇଛି । ଏତେ ପରିମାଣରେ ବନ୍ଧରେ ଦଳ ରହିଛି ଯେ ଦୂରରୁ ଦେଖିଲେ ଖେଳପଡିଆ ପରି ଦୃଶ୍ୟମାନ ହେଉଛି । ସୂଚ଼ନା ଥାଉକି ରାଜ୍ୟ ସରକାର ମୋ ପୋଖରୀ ତଥା ଆଦର୍ଶ ପୁଷ୍କରିଣୀର ଜଳ ଶୁଦ୍ଧ ଜଳ ଓ ସୌନ୍ଦର୍ଯୀକାରଣ ପାଇଁ ବହୁ ଅର୍ଥ ବ୍ୟୟ କରାଯାଉଥିବା ବେଳେ ଏହି ବନ୍ଧର ଅବସ୍ଥା ଦେଖିଲେ ଠାକୁରମୁଣ୍ଡା ବ୍ଲକର ବିକାଶ ଚ଼ିତ୍ର ଜଣାପଡିବ । ବିଭିନ୍ନ କାମ ପାଇଁ ଆସୁଥିବା ଠାକୁରମୁଣ୍ଡା ବଜାରକୁ ଲୋକେ ତଥା ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟ ମାନେ ଲୋକ ସ୍ନାନ କାର୍ଯ୍ୟ ପାଇଁ ହୋଇରାଣ ହେଉଛନ୍ତି । ଦିନକୁଦିନ ଜଳସ୍ତର ମଧ କମିବାରେ ଲାଗୁଛି । ଆଗରୁ ଏହି ବନ୍ଧ ଉପରେ ଏ ଅଞ୍ଚଳର ଲୋକେ ନିର୍ଭର କରୁଥିଲେ । ସୂଚ଼ନା ଥାଉକି ବ୍ଲକ ପ୍ରଶାସନ ପକ୍ଷରୁ ଚ଼ାରିଗୋଟି ଗାଧୁଆ ତୁଠ ନିର୍ମାଣ କରାଯାଇଥିବା ବେଳ ଦଳକୁ ସଫେଇ ପାଇଁ ପଦକ୍ଷେପ ନ ନିଆଯିବା ବିଡମ୍ବନାର ବିଷୟ । ଏବେ ଏହି ଦଳ ପୂର୍ଣ୍ଣ ଜଳରେ ଗାଧେଇଲେ ବିଭିନ୍ନ ପ୍ରକାର ରୋଗ ସହ ଚ଼ର୍ମ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି । ବଜାରର ଅଳିଆ ଆବର୍ଜନା ପଡି ଦୂଷିତ ଜଳରେ ପରିଣତ ହେଲାଣି । ତେଣୁ ଏହି ଜଳରେ ଗାଧେଇବାମାନେ ବିପଦକୁ ଆମନ୍ତ୍ରଣ କରିବା ସାଧାରଣରେ ଆଲୋଚ଼ନା ହେଉଛି । ବିଭିନ୍ନ ସମୟରେ ଏହାର ଉନ୍ନତି କାରଣ ପାଇଁ ସ୍ଥାନୀୟ ପ୍ରଶାସନ ଓ ନେତାଙ୍କ ନିକଟରେ ଦାବି କରି ଆସୁଥିବା ବେଳେ ଏବେ ସ୍ଥାନୀୟ ବିଧାୟକ ପଦ୍ମଚ଼ରଣ ହାଇବୁରୁଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ବନ୍ଧର ଉନ୍ନତି କରଣ ପାଇଁ ଦାବି କରିଛନ୍ତି ଠାକୁରମୁଣ୍ଡା ବାସୀ ।

## ଦୁଇ ଗାଁ ମଧ୍ୟରେ ଗଣ୍ଡଗୋଳ: ୧୦ରୁ ଉର୍ଦ୍ଧ୍ୱ ଆହତ



**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ମାହାଙ୍ଗା ଥାନା ଅନ୍ତର୍ଗତ କୁମୁଡା ଜୟପୁର ଫାଣ୍ଡି ଅଧିନ କଇଥା ଓ ଗୋଠମୁହଁ ମଧ୍ୟରେ ଗଣ୍ଡଗୋଳ ଘଟି ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବା ଜଣାଯାଇଛି । ସୂଚନା ଅନୁଯାୟୀ ଗୁରୁବାର ସନ୍ଧ୍ୟାରେ କଇଥା ଗ୍ରାମର ଗ୍ରାମଦେବତୀ କନକେଇଙ୍କ ନିକଟରେ ପ୍ରଥମାଷ୍ଟମୀ ଅବସରରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହେଉଥିଲା । ଏଥିରେ ୧୦ଟି ମୌଜାର ବିଭିନ୍ନ ଦେବାଦେବୀ ବିରାଜମାନ କରିଥାନ୍ତି । କଇଥା ଗ୍ରାମର ପୂଜା କମିଟି ସଦସ୍ୟମାନେ ଏହି ପଞ୍ଚାୟତ ଗୋଠମୁହଁ ଗ୍ରାମର ନୃସିଂହନାଥ ଜୀଉଙ୍କୁ ବିମାନ ଯୋଗେ ଆଣିବା ପାଇଁ ସେଠାକୁ ଯାଇଥିଲେ । ଆନନ୍ଦବଜାରରେ ଗୋଠମୁହଁ କାର୍ତ୍ତିକେଶ୍ୱର ଭସାଣୀ ଉତ୍ସବ ଚାଲୁ ରହିଥିଲା । ଏହି ସମୟରେ କଇଥା ଗ୍ରାମରୁ ଆସିଥିବା ପୂଜା କମିଟିର ସଦସ୍ୟ ପ୍ରସେସନକୁ ଆଗକୁ ନେବାପାଇଁ କହିଥିଲେ । ସେଠାରେ ଉପସ୍ଥିତ ଥିବା ଯୁବକ ପ୍ରସେସନକୁ ଆଗକୁ ନ ନେବା ବଦଳରେ ସେମାନଙ୍କ ସହିତ ବଚସା କରିଥିଲେ । ପରେ ଉଭୟଙ୍କ ମଧ୍ୟରେ ବଚସାକୁ ନେଇ ଗଣ୍ଡଗୋଳ ହୋଇଥିଲା । ଏହି ଗଣ୍ଡଗୋଳରେ ଉଭୟ ପକ୍ଷରୁ ଢେଲା ମାଡ ସହ କାଚ ବୋତଲ ମାଡ କରାଯାଇଥିଲା । ଏଥିରେ ଉଭୟ ଗ୍ରାମର ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହେବା ସହ ଭସାଣୀକୁ ଯାଇଥିବା ଯାତ୍ରୀମାନେ ମଧ୍ୟ ଢେଲା ଓ କାଚବୋତଲ ମାଡରୁ ବର୍ତ୍ତି ନ ଥିଲେ । ସେଠାରେ ଉପସ୍ଥିତ ଥିବା ଚମ୍ପାପୁର ଗ୍ରାମର ଜଣେ ଛୋଟ ପିଲାଟି ମଧ୍ୟ ଆହାତ ହୋଇଥିବାବେଳେ ପ୍ରସେସନରେ ବ୍ୟବହୃତ ଗାଡି, ମାଇକ ଏବଂ ଯନ୍ତାଂଶ ଭାଙ୍ଗିଥିବା ଦେଖିବାକୁ ମିଳିଛି । ସେମାନେ ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଥିବା ଶୁଣିବାକୁ ମିଳୁଛି । ବର୍ତ୍ତମାନ ଉଭୟ ଗ୍ରାମ ଏବଂ ବଜାରରେ ଉତେଜନା ଥିବାରୁ ପୋଲିସ ପକ୍ଷରୁ ଦୁଇ ପ୍ଲାଟୁନ ଫୋର୍ସ ସହ ଏସଡିପିଓ ବିରଞ୍ଚି ନାରାୟଣ ପତି, ମାହାଙ୍ଗା ଥାନା ଆଇନ ତପନ କୁମାର ରାଉତ, ଏସଆଇ କେ ଲାକ୍ରା, ଚନ୍ଦ୍ରଶେଖର ବେହେରା ପ୍ରମୁଖ ଘଟଣା ସ୍ଥଳରେ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

## ତୁରିନ୍ତିରା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶିଶୁ ଦିବସ

**ବାଲିପାଟଣା: ଏକ୍ସପ୍ରେସ ନ୍ୟୁଜ୍**

ବାଲିପାଟଣା ବ୍ଲକ ଅନ୍ତର୍ଗତ ତୁରିନ୍ତିରା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶିଶୁ ଦିବସ ଅନୁଷ୍ଠିତ ହୋଇଯାଇଛି । ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମ ଜୟନ୍ତୀ ଅବସରରେ ପ୍ରତ୍ୟେକ ବିଦ୍ୟାଳୟରେ ଶିଶୁମାନଙ୍କ ପାଇଁ ଏହି ଦିବସରେ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥାଏ । ଏହିକ୍ରମରେ ତୁରିନ୍ତିରା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶୁକ୍ରବାର ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀମାନେ ନିଜ ନିଜ ବକ୍ତବ୍ୟରେ ଆଜି ଦିନର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ପରେ ଅନୁଷ୍ଠାନର ଗୁରୁଜୀ ଗୁରୁମାମାନେ ମଧ ନିଜ ବକ୍ତବ୍ୟରେ ଆଜି ଦିନର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରିବା ସହିତ ଶିଶୁ ହସିଲେ ଦୁନିଆ ହସେ ବୋଲି ପ୍ରକାଶ କରିଥିଲେ । ଶିଶୁ ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଶିଶୁମାନେ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପରାମର୍ଶଦାତା ଜଗନ୍ନାଥ ମହାନ୍ତି ଆୟୋଜନ କରିଥିବା ବେଳେ ସମସ୍ତ ଗୁରୁଜୀ ଗୁରୁମାମାନେ ସଭା ପରିଚ଼ାଳନାରେ ସହଯୋଗ କରିଥିଲେ ।

## ସାଇବର ସୁରକ୍ଷା ସଚେତନତା




**ଖଣ୍ଡପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଖଣ୍ଡପଡ଼ା ପୋଲିସ ପକ୍ଷରୁ ସହରର ରଥଗଡ଼ା ଛକରେ ସାଇବର ସୁରକ୍ଷା ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଖଣ୍ଡପଡ଼ା ଥାନାଧିକାରୀ ତଥା ଡିଏସପି ନିହାର ରଞ୍ଜନ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଭାବେ ଏସଡିପିଓ ମଦନ ମୋହନ ପ୍ରଧାନ, ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀ, ବିଡିଓ ଅଙ୍କୁର ଅଭିଳାଷ, ଖଣ୍ଡପଡ଼ା ଓକିଲ ସଂଘର ସଭାପତି ସଂଗ୍ରାମ ମିଶ୍ର, ସଂପାଦକ ବିକ୍ରମ କେଶରୀ ଦେଓ ପ୍ରମୁଖ ଯୋଗଦେଇ ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ସଂର୍ପକରେ ଆଲୋକପାତ କରିଥିଲେ । ଏ ସଂର୍ପକରେ ସମସ୍ତେ ସଚେତନ ହୋଇ ସାଇବର ଠକେଇରୁ ଦୁରେଇ ରହିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଏ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ନେଇ ସାଇବର ସୁରକ୍ଷା ସଂପର୍କିତ ସଚେତନତା ଶୋଭାଯାତ୍ରା ଖଣ୍ଡପଡ଼ା ସହର ପରିକ୍ରମା କରିଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ ରଥଗଡ଼ା ଛକସ୍ଥିତ ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ ପଠାଣିସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ପଣ୍ଡିତ ମନୋଜ ଦାସ ବେଦ ପାଠ କରିଥିଲେ । ଖଣ୍ଡପଡ଼ା ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବରିଷ୍ଠ ନାଗରିକ ଓ ଯୁବକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚ଼ାଳନାରେ ସମସ୍ତ ପୋଲିସ କର୍ମଚ଼ାରୀମାନେ ସହଯୋଗ କରିଥିଲେ ।

## ଜଳେଶ୍ୱରରେ ନାହିଁ ସ୍ଥାୟୀ ବସ୍ ଷ୍ଟାଣ୍ଡ

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଉତ୍ତର ବାଲେଶ୍ୱର ଅଞ୍ଚଳର ପ୍ରମୁଖ ସହର ଜଳେଶ୍ୱରରେ ନାହିଁ ସ୍ଥାୟୀ ବସ ଷ୍ଟାଣ୍ଡ । ବଳରେ ଷ୍ଟେସନ ବଜାର ରାସ୍ତା କଡରେ ଓ ୫୭ ରାଜ୍ୟ ରାଜପଥ ଆମ୍ବିଳିଅଠା ବାଇପାସ୍ ନିକଟରେ ରାସ୍ତା ମଝିରେ ବସ୍ ଛିଡ଼ା ହେଉଛି । ସୂଚ଼ନା ଅନୁସାରେ ପ୍ରତିଦିନ ଜଳେଶ୍ୱରରୁ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ଶହ ଶହ ଯାତ୍ରୀ ଅପେକ୍ଷା ଲାଗି ଖରା, ଶୀତ, କାକରରେ ଅପେକ୍ଷା କରି ବସି ରହୁଛନ୍ତି । ଜଳେଶ୍ୱରରୁ ଦୀଘା, ଚ଼ନ୍ଦନେଶ୍ୱର, ରାଇବଣିଆ, ପୁରୀ, ଭୁବନେଶ୍ୱର, କଟକ, କେଉଁଝର, ରାଉରକେଲା, ବାଲେଶ୍ୱର, ଧାମରା, ବାଲିଆପାଳ, କୋଲକତା, ଦୁର୍ଗାପୁର, ମେଦିନୀପୁର, ଖଡଗପୁର, କାନ୍ଥି, ବାରିପଦା ଇତ୍ୟାଦି ସ୍ଥାନକୁ ପ୍ରତିଦିନ ଶତାଧିକ ବସ୍ ଯାତାୟାତ କରୁଥିବା ବେଳେ ଜଳେଶ୍ୱରରେ ଅଟକିବା ଲାଗି କୌଣସି ସ୍ଥାୟୀ ସ୍ଥାନ ନାହିଁ । ଫଳରେ ବସ୍ ଗୁଡିକ ଷ୍ଟେସନ ବାଜରର ରାସ୍ତାକଡରେ ଓ ଆମ୍ବିଳିଅଠା ବାରାଗଡିଆ ଛକ ଠାରେ ଗୋଟିଏ ପରେ ଗୋଟିଏ ଆସି ଛିଡା ହେଉ ଥିବା ଦେଖିବାକୁ ମିଳୁଛି । ଉଭୟ ପଟୁ ବସ୍ ଆସିଲେ ଓ ଅନ୍ୟ ଭାରିଯାନ ଆସିଲେ ଅବସ୍ଥା ଅସମ୍ଭାଳ ହୋଇଥାଏ । ଫଳରେ ବସ କର୍ମଚ଼ାରୀ ଓ ମାଲିକ ସଂଘ ଅସୁବିଧାର ସମ୍ମୁଖୀନ ହୋଇ ଥାଆନ୍ତି । ସ୍ଥାୟୀ ବସ୍ ଷ୍ଟାଣ୍ଡ ନଥିବାରୁ ଶୌଚ଼ାଳୟ, ସ୍ନାନାଗାର, ପ୍ରେକ୍ଷାଳୟ, ଭୋଜନାଳୟ, ପିଇବା ପାଣିର ମଧ୍ୟ ବିଶେଷ ବ୍ୟବସ୍ଥା ନାହିଁ । ଫଳରେ ଦିବାରାତ୍ର ଯାତାୟାତ କରୁଥିବା ବସ୍ ଯାତ୍ରୀ ଓ କର୍ମଚ଼ାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୁଇ ବର୍ଷ ତଳେ ଅନ୍ତରାଜ୍ୟ ଟ୍ରକ୍ ଓ ବସ୍ ଟର୍ମିନାଲ ନିର୍ମାଣ ହେବା ସଂର୍ପକରେ ପ୍ରକାଶସନ ପକ୍ଷରୁ କୁହାଯାଇଥିଲା ହାଯାଇଥିଲା । ଏ ବାବଦରେ ୬୦ନଂ ଜାତୀୟ ରାଜପଥ ଲକ୍ଷ୍ମଣନାଥସ୍ଥିତ କୋର୍ଟ ସନ୍ନିକଟ ସ୍ଥାନରେ ଏପରି ଟର୍ମିନାଲ ଲାଗି ୫ ଏକର ସ୍ଥାନ ପରିବହନ ବିଭାଗକୁ ହସ୍ତାନ୍ତର ହେବାର ଥିଲା । ଏଥିଲାଗି ତହସିଲଦାରଙ୍କ ପକ୍ଷରୁ ମାପଚୁପ ମଧ ହୋଇଥିଲା । ମାତ୍ର ଦୀର୍ଘଦିନ ବିତି ଯାଇଥିଲେ ମଧ କାର୍ଯ୍ୟର କୌଣସି ଅଗ୍ରଗତି ଦେଖୁବାକୁ ମିଳୁନାହିଁ । ପୁଣି ସବୁ ବସ୍ ଗୁଡିକ ରେଳ ଷ୍ଟେସନ ନିକଟରେ ପହଞ୍ଚି, ସେଠାରୁ ଗନ୍ତବ୍ୟ ଗନ୍ତବ୍ୟ ସ୍ଥାନକୁ ଯାଉଥିବାରୁ ଷ୍ଟେସନବଜାର ବଜାର ସ୍ଥିତ ଛୋଟ ବସ୍ ଷ୍ଟାଣ୍ଡରେ ବସ ପାର୍କିଂ କରିବା ସମ୍ଭବ ହେଉନାହିଁ । ଆମ୍ବିଳିଅଠା ବାରାଗଡିଆ ପୋଲ ନିକଟରେ ବହୁ ରାତ୍ରି କାଳୀନ ବସ୍ ରାସ୍ତା ଉପରେର ଛିଡ଼ା କରାଇ ବେଆଇନ ଟଙ୍କା ମଧ ଆଦାୟ ହେଉଛି । ବସ ଷ୍ଟାଣ୍ଡ ଫି, ଓ ଶ୍ରମିକ ୟୁନିୟନ ନାଁରେ ସମସ୍ତ ବସ୍‌ରୁ ବ୍ୟାପକ ଚ଼ାନ୍ଦା ଆଦାୟ ହେଉଛି । ଫଳରେ ଦୀର୍ଘ ସମୟଧରି ବ୍ୟସ୍ତ ବହୁଳ ସଡ଼କ ଜାମ୍ ହୋଇ ଦୁର୍ଘଟଣା ଘଟୁଛି । ଜଳେଶ୍ୱରକୁ ଜିଲ୍ଲା ଲାଗି ଦାବି ହେଉଥିବା ବେଳେ ସୀମାନ୍ତ ଅଞ୍ଚଳରେ ରାଜ୍ୟସ୍ତରୀୟ ବସ ଷ୍ଟାଣ୍ଡ ଲାଗି ସରକାରଙ୍କ ତତ୍ପରତା ଦେଖାଯାଉ ନାହିଁ । ପଶ୍ଚିମବଙ୍ଗ ଓ ଓଡ଼ିଶା ଅଞ୍ଚଳର ଲକ୍ଷ ଲକ୍ଷ ଯାତ୍ରୀମାନଙ୍କ ଲାଗି ସର୍ବନିମ୍ନ ଆବଶ୍ୟକତା ସ୍ଥାୟୀ ବସ୍ ଷ୍ଟାଣ୍ଡ ନିର୍ମାଣ ଲାଗି ପ୍ରକ୍ରିୟା ଆରମ୍ଭ କରିବାକୁ ଦାବି ହେଉଛି ।

## ବାଣିଜ୍ୟ

## ଇସ୍ପାତ କ୍ଷେତ୍ର ପାଇଁ 'ଆଇଫରେଷ୍ଟ୍'ର ୩ ରିପୋର୍ଟ ପ୍ରକାଶ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ଭାରତରେ ଲୁହା ଏବଂ ଇସ୍ପାତ କ୍ଷେତ୍ରରୁ ଅଧିକ ମାତ୍ରାରେ ସବୁଜ ଗୃହ ଗ୍ୟାସ ବାହାରୁଛି । ଦେଶର ମୋଟ ଅଙ୍ଗାରକାମ୍ଳ ନିର୍ଗମନରେ ଏହି କ୍ଷେତ୍ରର ଯୋଗଦାନ ୧୨ ପ୍ରତିଶତ । ୨୦୩୦ ସୁଦ୍ଧା ଦେଶର ଇସ୍ପାତ ଉତ୍ପାଦନ ୨୫୫ ନିୟୁତ ଟନ୍ ଏବଂ ୨୦୫୦ ସୁଦ୍ଧା ୫୦୦ ନିୟୁତ ଟନ୍ ହେବ ବୋଲି ଆକଳନ କରାଯାଉଛି । ତେଣୁ ନିଟ୍ ଜିରୋ ଲକ୍ଷ୍ୟ ହାସଲ ପାଇଁ ଏହି କ୍ଷେତ୍ରରେ ପରିବର୍ତ୍ତନର ଆବଶ୍ୟକତା ରହିଛି ।

ଜଳବାୟୁ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥା ଆଇଫରେଷ୍ଟ୍ ପକ୍ଷରୁ ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନ୍ ସହଯୋଗରେ ନୂଆଦିଲ୍ଲୀରେ ଇଣ୍ଡିଆ ଗ୍ରିନ୍ ଷ୍ଟିଲ୍ ଟ୍ରାଞ୍ଜିସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଆଇଫରେଷ୍ଟ୍ ପକ୍ଷରୁ ଲୁହା ଓ ଇସ୍ପାତ କ୍ଷେତ୍ର ପାଇଁ ୩ଟି ରିପୋର୍ଟ ପ୍ରକାଶ କରାଯାଇଛି । ସେଗୁଡିକ ହେଲା ବିଆର୍‌ଏସ୍‌ଆର୍ ଡିସ୍କଲୋଜର: ଇଏସ୍‌ଜି ପରଫର୍ମାନ୍ସ ଅଫ୍ ଦ ଷ୍ଟିଲ ସେକ୍ଟର (୨୦୨୩-୨୪), ଦ ବିଆର୍‌ଏସ୍‌ଆର୍ ସପ୍ଲିମେଣ୍ଟ୍ ଫର୍ ଦି ଷ୍ଟିଲ୍ ସେକ୍ଟର: ଏନହାନ୍ସିଂ ଇଏସ୍‌ଜି ଡିସ୍କଲୋଜର ଆଣ୍ଡ୍ ଟ୍ରାନ୍ସପରେନ୍ସି ଏବଂ ଦ ୟୁନିଫାଏଡ୍ ଜିଏଚ୍‌ଜି ଆକାଉଣ୍ଟିଂ ଆଣ୍ଡ୍ ଏମ୍‌ଆର୍‌ଭି ଫ୍ରେମୱର୍କ ।

କ୍ଲାଇମେଟ୍ ଫାଇନାନ୍ସ ପାଇଁ ବିପୁଳ ଅର୍ଥର ଆବଶ୍ୟକତା ରହିଛି । ଏହି ଅର୍ଥ ସଂଗ୍ରହ ପାଇଁ ୩ଟି ଜିନିଷ ଆବଶ୍ୟକ । ସେଗୁଡିକ ମଧ୍ୟରେ ପ୍ରଥମଟି ହେଲା ଟାକ୍‌ସୋନୋମି, ଦ୍ୱିତୀୟଟି ହେଲା କାର୍ବନ ପରିମାଣ ହ୍ରାସ ପାଇଁ ସ୍ୱଷ୍ଟ ରୋଡମ୍ୟାପ ପ୍ରସ୍ତୁତି ଏବଂ ତୃତୀୟଟି ହେଲା ଏ କ୍ଷେତ୍ରରେ ନିବେଶ ନିଷ୍ପତ୍ତି ପାଇଁ ଏକ ବିଶ୍ୱସନୀୟ, ତୁଳନାତ୍ମକ ଏବଂ ଯାଞ୍ଚଯୋଗ୍ୟ ସୂଚ଼ନାର ଉପଲବ୍ଧତା । ଆଇଫରେଷ୍ଟ୍ ପକ୍ଷରୁ ଆଜି ହୋଇଥିବା କାର୍ଯ୍ୟକ୍ରମ ତୃତୀୟ ପଦକ୍ଷେପ ପାଇଁ ଉଦ୍ଦିଷ୍ଟ ବୋଲି ଆଇଫରେଷ୍ଟ୍‌ର ସିଇଓ ଚ଼ନ୍ଦ୍ର ଭୂଷଣ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ମତ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସେବିର ପୂର୍ବତନ ଅଧକ୍ଷ ଅଜୟ ତ୍ୟାଗୀ ଏବଂ ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନର ମହାସଚ଼ିବ ଆଲୋକ ସହାୟ ଯୋଗଦେଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ । ଇସ୍ପାତ କ୍ଷେତ୍ରକୁ ସବୁଜ କରିବା ପାଇଁ ୯ ଲକ୍ଷ କୋଟିର ନିବେଶ ଆବଶ୍ୟକ ବୋଲି ଶ୍ରୀ ସହାୟ କହିଥିଲେ ।

## ଜିଲ୍ଲାସ୍ତରୀୟ ଆସ ସ୍କୁଲ ଯିବା ଅଭିଯାନ

**ରାୟଗଡା: ଏକ୍ସପ୍ରେସ ନ୍ୟୁଜ୍**



ଜିଲ୍ଲାସ୍ତରୀୟ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଶୁକ୍ରବାର କୁମ୍ଭିକୋଟା ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସମଗ୍ର ଶିକ୍ଷା ତରଫରୁ ଏହି କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା । ପ୍ରାରମ୍ଭରେ ଏକ ବିଶାଳ ରାଲି କୁମ୍ଭିକୋଟା ଗ୍ରାମ ପଞ୍ଚାୟତ ସଦର ମହକୁମାର ପ୍ରତ୍ୟେକ ସାହି ବୁଲି ଅଧାରୁ ପାଠ ଛାଡିଥିବା ଶିଶୁଙ୍କୁ ପୁନଶ୍ଚ ବିଦ୍ୟାଳୟକୁ ଫେରାଇ ଆଣିବାକୁ ସ୍ଲୋଗାନ ଓ ପ୍ଲାକାର୍ଡ ମାଧ୍ୟମରେ ସଚେତନ କରାଯାଇଥିଲା । ଶହ ଶହ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବିଭିନ୍ନ ବ୍ଲକରୁ ଆସିଥିବା ଏବିଇଓ, ସିଆରସିସି, ସରପଞ୍ଚ ଓ ନିର୍ବାଚ଼ିତ ପ୍ରତିନିଧି ରାଲିରେ ସାମିଲ ହୋଇଥିଲେ । ପରେ କୁମ୍ଭିକୋଟା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାଶିକ୍ଷାଧୀକାରୀ ଭଜନଲାଲ ମାଝୀ ଓ ଶାନ୍ତିଲତା ମୁନୀ, କାଶିପୁର ଗୋଷ୍ଠୀ ଶିକ୍ଷାଧିକାରୀ ଉମର ସିଂ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରକାଶ କୁମାର ନାୟକ ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଇଶ୍ୱର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ଶିଶୁଦିବସ ପାଳନ ପୂର୍ବକ ପଣ୍ଡିତ ଚ଼ାଚ଼ା ନେହେରୁଙ୍କ ଫଟୋଚ଼ିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଅତିଥିବୃନ୍ଦ ଉକ୍ତ ଦିବସର ମହତ୍ୱ ବଖାଣିବା ସହ ଆସ ସ୍କୁଲ ଯିବା ଅଭିଯାନର ଉଦ୍ଦେଶ୍ୟ ବିଷୟରେ ଆଲୋଚ଼ନା କରିଥିଲେ । ଅଧାରୁ ପାଠ ଛାଡୁଥିବା, ଆଦୌ ନାମ ଲେଖାଇ ନଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଏହି ଅଭିଯାନର ମୁଖ୍ୟ ଉଦେଶ୍ୟ ବୋଲି ଅତିଥିବୃନ୍ଦ କହିଥିଲେ ।

ପ୍ରକାଶ ଥାଉକି, ସ୍କୁଲ ବାହାରେ ଥିବା ଶିଶୁଙ୍କୁ ଚ଼ିହ୍ନଟ କରିବା ନିମନ୍ତେ ଜିଲ୍ଲାରେ ଗୃହ ପରିଦର୍ଶନ ସର୍ଭେକ୍ଷଣ କରାଯାଇ ମୋଟ ଶତର ହଜାର ନଅ ଶହ ଚ଼ବିଶି ଜଣ ଶିଶୁଙ୍କୁ ଚ଼ିହ୍ନଟ କରାଯାଇଥିଲା । ସେଥି ମଧ୍ୟରୁ ଚ଼ାରି ହଜାର ଆଠଶହ ଏଗାର ଜଣଙ୍କୁ ବିଭିନ୍ନ ବିଦ୍ୟାଳୟ ତଥା ମୁକ୍ତ ବିଦ୍ୟାଳୟରେ ନାମଲେଖାଇ ମୁଖ୍ୟ ସ୍ରୋତକୁ ଅଣାଯାଇଛି । ଶୁକ୍ରବାର ଏକଦିନରେ ଏଗାର ଗୋଟି ବ୍ଲକରେ ମୋଟ ଦୁଇଶହ ପଞ୍ଚାନବେ ଜଣଙ୍କୁ ବିଦ୍ୟାଳୟ ତଥା ମୁକ୍ତ ବିଦ୍ୟାଳୟରେ ନାମ ଲେଖା ଯାଇଥିବା ଏଡିଇଓ ଭଜନଲାଲ ମାଝୀ କହିଛନ୍ତି । କୁମ୍ଭିକୋଟା ଠାରେ ଅଠାଅଶି ସମେତ ରାୟଗଡ ବ୍ଲକରେ ଏକଶହ ଚ଼ବିଶି, ବିଷମକଟକରେ ତିରିଶି, ଚ଼ନ୍ଦ୍ରପୁର ପନ୍ଦର, ଗୁଡାରୀରେ ଦଶ, ଗୁଣୁପୁରରୁ ଶୋହଳ, କଲ୍ୟାଣ ସିଂହପୁର ତିରିଶି, କାଶିପୁରରେ ବାର, କୋଲନରା ଅଣତିରିଶି ଓ ରାମନାଗୁଡା ପନ୍ଦର ଜଣ ଶିଶୁ ନାମ ଲେଖାଇଛନ୍ତି ।

ଏହା ଏକ ସାମୁହିକ ଦାୟିତ୍ୱ । ବିକଶିତ ଭାରତ ଏବଂ ବିକଶିତ ଓଡିଶା ଗଠନ ଦିଗରେ ବିଦ୍ୟାଳୟ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ପିଲା ବିଦ୍ୟାଳୟକୁ ଆସିଲେ ହିଁ ଏହା ପୂରଣ ହେବ । ଏଥିପାଇଁ ଜିଲ୍ଲା ଶିକ୍ଷାଧିକାରୀ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଗୋଷ୍ଠି ଓ ଅଭିଭାବକଙ୍କ ସହଯୋଗ କାମନା କରିଛନ୍ତି । କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ପରିଚ଼ାଳନା କରିଥିଲେ । ସମଗ୍ର ଶିକ୍ଷା କାର୍ଯ୍ୟାଳୟର କର୍ମକର୍ତ୍ତା, ଏବିଇଓ ଛବିଲାଲ ସିଂ, ବଳରାମ ହୁଇକା, ପବିତ୍ର ମୋହନ ନାୟକ, କୁମ୍ଭିକୋଟା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ ସିଆରସିସି ଓ ସ୍ଥାନୀୟ ଶିକ୍ଷକ ସହଯୋଗ କରିଥିଲେ ।

## ଧର୍ମେନ୍ଦ୍ରଙ୍କ ଆଇସିୟୁ ଭିଡିଓ ମାମଲାରେ ଆକ୍ସନ



## ସିନେମାଫିନେମା ଟିଭିଫିବି

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ପ୍ରସିଦ୍ଧ ଅଭିନେତା ଧର୍ମେନ୍ଦ୍ରଙ୍କ ସୁସ୍ଥତା ପାଇଁ ସାରା ଦେଶ ଏବେ ପ୍ରାର୍ଥନା କରୁଛି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ବଲିଉଡ୍ ତାରକାମାନେ ପ୍ରତିଦିନ ତାଙ୍କୁ ଦେଖିବାକୁ ତାଙ୍କ ଘରକୁ ଆସୁଛନ୍ତି ଏବଂ ସମସ୍ତେ ପ୍ରାର୍ଥନା କରୁଛନ୍ତି ଯେ ଧରମ ପାଜୀ ଯଥାଶୀଘ୍ର ସୁସ୍ଥ ହୁଅନ୍ତୁ ଏବଂ ଆମେ ତାଙ୍କୁ ପୁଣି ଥରେ ସିଲଭର ସ୍କ୍ରିନ୍‌ରେ ଦେଖିବାକୁ ସୁଯୋଗ ପାଉ । ତାଙ୍କୁ ହସ୍ପିଟାଲରୁ ଡିସଚ଼ାର୍ଜ କରାଯାଇଛି ହେଲେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଛି । ଯାହା ପରେ ଭିଡିଓ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

ପ୍ରକୃତରେ, ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଛି ଯେଉଁଥିରେ ଧର୍ମେନ୍ଦ୍ର ଘର ଭିତରେ ଗୁରୁତର ଅବସ୍ଥାରେ ଏକ ବିଛଣାରେ ଶୋଇଥିବା ଦେଖାଯାଇଛି । ଏହା ମଧ ସ୍ପଷ୍ଟ ଭାବରେ ଦେଖାଯାଉଥିଲା ଯେ ଭିଡିଓଟି ସିକ୍ରେଟ୍ ଭାବରେ କରାଯାଇଥିଲା । ଭିଡିଓରେ ସନ୍ନି, ବବି ଏବଂ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ମଧ ଦେଖିପାରିବେ । ବର୍ତ୍ତମାନ, ଏହି ଭିଡିଓ ତିଆରି କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଗମ୍ଭୀର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

ସୂତ୍ର କହୁଛି ଯେ ହସ୍ପିଟାଲରେ ଅକ୍ସିଜେନ୍ ସିଲିଣ୍ଡର ବହନ କରୁଥିବା କର୍ମଚ଼ାରୀମାନଙ୍କ ମଧ୍ୟରୁ ଜଣେ ଭିଡିଓ କରିଥିଲେ । ତାଙ୍କ ନାମ ସାମ୍ନାକୁ ଆସିବା ପରେ ତାଙ୍କ ବିରୁଦ୍ଧରେ ଅଭିଯୋଗ କରାଯାଇଥିଲା । ପରେ ତାଙ୍କୁ ଚ଼ାକିରିରୁ ବାହାର କରାଯାଇଥିଲା ଏବଂ ତାଙ୍କୁ ବ୍ଲାକଲିଷ୍ଟ ମଧ କରାଯାଇଥିଲା । ଯାହା ଦ୍ୱାରା ସେ ଅନ୍ୟ କୌଣସି ହସ୍ପିଟାଲରେ କାମ କରିପାରିବେ ନାହିଁ । କୁହାଯାଉଛି ଯେ କର୍ମଚ଼ାରୀ ଜଣକ ହାତଯୋଡି କ୍ଷମା ମାଗିଥିଲେ ଏବଂ କହିଥିଲେ ଯେ ସେ କେବେ ସେଲିବ୍ରିଟିଙ୍କୁ ଆଉ ଦେଖି ପାରିବେ ନାହିଁ, ଏହି କାରଣରୁ ସେ ଭିଡିଓଟି କରିଥିଲେ । ଏବେ ଦାବି କରାଯାଉଛି ଯେ ତାଙ୍କୁ ଗିରଫ କରାଯାଇଛି । ହେଲେ ଦେଓଲ ପରିବାର କିମ୍ବା ପୋଲିସ ପକ୍ଷରୁ କୌଣସି ନିଶ୍ଚିତକରଣ ହୋଇନାହିଁ ।

ସେହିପରି ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ଉନ୍ନତ ହେଉଥିବା ଜଣାପଡ଼ିଛି । ପରିବାର ପକ୍ଷରୁ କୁହାଯାଇଛି ଯେ ତାଙ୍କର ଏବେ ଘରେ ଚ଼ିକିତ୍ସା କରାଯିବ । ନିକଟରେ ସନ୍ନି ଦେଓଲଙ୍କର ଏକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଠାରେ ଅଭିନେତା ବହୁତ ରାଗିଯାଇଥିଲେ । ଘରୁ ବାହାରକୁ ଆସି ନିଜର ଅସନ୍ତୋଷ ପ୍ରକାଶ କରିଥିଲେ । ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବିଭିନ୍ନ ଗୁଜବରେ ଦେଓଲ ପରିବାର ଗଭୀର ଭାବରେ ବିରକ୍ତ ହେବା ସହ ନିରନ୍ତର ଗୋପନୀୟତା ପାଇଁ ଅନୁରୋଧ କରୁଛନ୍ତି ।

# ବିପଦସଙ୍କୁଳ ସ୍କୁଲ ବାରଣ୍ଡାରେ କୋମଳମତି ଶିଶୁଙ୍କ ଭବିଷ୍ୟତ

**୧୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**




କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ଠାରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣର ୪ବର୍ଷ ବିତିଯାଇଥିଲେ ମଧ୍ୟ ବିଭାଗକୁ ହସ୍ତାନ୍ତର ହୋଇନାହିଁ । ଫଳରେ ବିପଦସଙ୍କୁଳ ସ୍କୁଲ ବାରଣ୍ଡାରେ କୋମଳମତି ଶିଶୁମାନେ ବସିବାକୁ ବାଧ୍ୟ ହେଉଛନ୍ତି ।

ସୂଚନା ଅନୁସାରେ, ଲାଞ୍ଜିଗଡ଼ ସହର ୧ ନମ୍ବର ୱାର୍ଡ ମହାଦେବପଡ଼ା ଓ ପ୍ରଧାନୀପଡ଼ାରେ ୧୯୮୧ ମସିହାଠାରୁ ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ଲୋକଙ୍କ ଘର ବାରଣ୍ଡାରେ କେନ୍ଦ୍ର ଚାଲିଥିଲା । ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ୨୦୧୫ ମସିହାରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ କାମ ଆରମ୍ଭ ହୋଇଥିଲା । ମନ୍ଥର କାମ ଯୋଗୁ ୨୦୨୧ ମସିହାରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା । କେନ୍ଦ୍ର ଆରମ୍ଭ ହେବା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୮ଟି ସ୍ଥାନ ବଦଳାଇଥିବା ପରେ ବର୍ତ୍ତମାନ ରାଜାରାଜୁଡା ଅମଳରୁ ରହିଥିବା ଲାଞ୍ଜିଗଡ଼ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାରଣ୍ଡାରେ ଚାଲୁଛି । ଏହି ବିଦ୍ୟାଳୟଟି ୧୮୯୧ ମସିହାରେ ସ୍ଥାପନ ହୋଇଥିବା ବେଳେ ବର୍ତ୍ତମାନ ସ୍କୁଲର ସ୍ଥିତି ଠିକ୍ ନାହିଁ, ମଝିରେ ମଝିରେ କାଠ ଖଣ୍ଡ ଖସୁଛି । ଏଭଳି ବିପଦସଙ୍କୁଳ ଅବସ୍ଥାରେ ଶିଶୁମାନେ ବସିବାକୁ ବାଧ୍ୟ ହେଉଛନ୍ତି । ଅନ୍ୟପକ୍ଷରେ ନୂତନ ଅଙ୍ଗନୱାଡି କେନ୍ଦ୍ର ଗୃହ ୪ବର୍ଷ ହେଲା ଶେଷ ହୋଇଥିଲେ ବି ସମ୍ପୃକ୍ତ ଠିକାଦାରଙ୍କୁ ବର୍ତ୍ତମାନ ସୁଦ୍ଧା ପ୍ରାପ୍ୟ ମିଳିନାହିଁ । ବାରମ୍ବାର ଦାବି ଓ ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଶେଷରେ ଠିକାଦାର ଜଣକ ନୂତନ ଅଙ୍ଗନୱାଡି କେନ୍ଦ୍ରରେ ତାଲା ଝୁଲାଇ ଦେଇଛନ୍ତି । ଏଣୁ ଏଥିପ୍ରତି ବ୍ଲକ ପ୍ରଶାସନ, ବ୍ଲକ ଶିଶୁ ମଙ୍ଗଳ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି । ଏ ନେଇ ସିଡିପିଓ ନିରୂପମା ପଟ୍ଟନାୟକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା ।

## ଆଜିର ରାଶିଫଳ

| ତାରିଖ | ଶୁକ୍ରବାର– ଏକାଦଶୀ |
|---|---|
| ୧୫.୧୧.୨୦୨୫ | ନକ୍ଷତ୍ର– ଉତ୍ତରାଫାଃ, କନ୍ୟାଚନ୍ଦ୍ର |



**ମେଷ** : ନୂତନ ଚୁକ୍ତି ସ୍ୱାକ୍ଷରିତ କରିବେ ।
**ବୃଷ** : ଅନୁକମ୍ପା ବୃଦ୍ଧି ପାଇବ ।
**ମିଥୁନ** : କଳହ ସୂତ୍ରପାତ ହେବ ।
**କର୍କଟ** : ଦ୍ରବ୍ୟଲାଭ ଯୋଗ ରହିଛି ।
**ସିଂହ** : ଅଯଥା ଖର୍ଚ୍ଚାନ୍ତରେ ପଡ଼ିବେ ।
**କନ୍ୟା** : ଚିନ୍ତାରୁ ମୁକ୍ତି ପାଇବେ ।
**ତୁଳା** : ଅପମାନିତ ହେବେ ।
**ବିଛା** : ବନ୍ଧୁ ଆପଣଙ୍କ ପାଖରୁ ଦୂରେଇଯିବେ ।
**ଧନୁ** : ଆଘାତପ୍ରାପ୍ତି ହେବେ ।
**ମକର** : ଦୁର୍ଘଟଣାରୁ ମୁକ୍ତି ପାଇବେ ।
**କୁମ୍ଭ** : ଅର୍ଥହାନି ଯୋଗ ରହିଛି ।
**ମୀନ** : କର୍ମକ୍ଷେତ୍ରେ ଖୁସି ପାଇବେ ।

# ସରକାରୀ ଯୋଜନାରୁ ବହୁ ଦୂରରେ ଏକୁଲୁ ଗ୍ରାମ

**କାଳିଆପାଣି, ୧୪।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଖଣି ଖାଦାନକୁ ନେଇ ସୁକିନ୍ଦା ଦେଶ ବିଦେଶରେ ସୁନାମ ଅର୍ଜନ କରିଛି । ମାଳ ମାଳ ଖଣି, ମାଳ ମାଳ ଶିଳ୍ପ ସୁକିନ୍ଦାରେ ଅବସ୍ଥିତ । ଦେଶ ବିଦେଶରୁ ସୁକିନ୍ଦା ମାଟିକୁ ଆସିଥାନ୍ତି ଲୋକେ ଅର୍ଥ ଉପାର୍ଜନ କରିବା ପାଇଁ କିନ୍ତୁ ସୁକିନ୍ଦାର ବାସିନ୍ଦା ଅବହେଳିତ ଅବସ୍ଥାରେ । ମୁଣ୍ଡ ଗୁଞ୍ଜିବାକୁ ଚାଳ ନଥିବା ବେଳେ ଭୁକ ଉପାସରେ ଜୀବନ ବିତାଉଥିବାର ଏକ ଜ୍ୱଳନ୍ତା ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲାର ସୀମାନ୍ତ ଏକୁଲୁ ଗ୍ରାମରେ । ଏହି ଗାଁରେ ୧୦୦ରୁ ଅଧିକ ପରିବାର ଥିଲେ ମଧ୍ୟ କୌଣସି ପରିବାର ମୁଣ୍ଡ ଉପରେ ପକ୍କା ଘର ନଥିବା ଦେଖିବାକୁ ମିଳିଛି । ଏହି ଗ୍ରାମର ବସବାସ କରୁଥିବା ଅଧିବାସୀଙ୍କ ବାସଗୃହ ନଥିବା ବେଳେ କେବଳ ଚାଳଛପରରେ ଜୀବନ ବିତାଉଥିବାର କୁହନ୍ତି । ଦୈନନ୍ଦିନ ମାନବ ଜୀବନରେ ଖାଦ୍ୟ ନିତାନ୍ତ ଆବଶ୍ୟକ ହୋଇଥିବା ବେଳେ ଦିନ ଦିନ ଧରି ଭୂକ ଉପାସରେ ଥିବାର କଥା କୁହନ୍ତି କୋହଭରା କଣ୍ଠରେ । ଶିକ୍ଷା କ'ଣ ଜାଣନ୍ତି ନି ଏହି ପରିବାରର ଶିଶୁମାନେଛଖାଦ୍ୟ କହିଲେ କେବଳ ଜଙ୍ଗଲରେ ମିଳୁଥିବା ଶାଗ ଓ ଆଳୁ ପ୍ରଭୃତି ଆଦି ଦ୍ରବ୍ୟ । ନଗଡାରୁ ପ୍ରାୟ ୨କିମି ହେବ ଏହି ଗାଁ । ନଗଡା ଶିଶୁ ମୃତ୍ୟୁ ଘଟଣା ସାରା ଦେଶକୁ ଦୋହଲାଇ ଦେଇଥିବା ବେଳେ ନଗଡା ବିକାଶ ଦିଗରେ ଆଗକୁ ଆଗେଇ ନେଇଥିଲେ ବିକାଶ । କେନ୍ଦ୍ର ସରକାର ରାଜ୍ୟ ସରକାର ବିକାଶ ହେଉଛି ବୋଲି ଡିଣ୍ଡିମ ପିଟୁଥିବା ବେଳେ ଏହା କ'ଣ ବିକାଶର ବାସ୍ତବ ଚିତ୍ର । ସ୍ଥାନୀୟ ବିଧାୟକ ଓ ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବା ପାଇଁ ଦାବି ହୋଇଛି ।

ଚର୍ଚ୍ଚାରେ ପ୍ରଶାସନିକ ଉଦାସୀନତା ଓ ନେତାଙ୍କ ଅପାରଗତା

# ଗୋଲିଆଠୁ ତାଳସର ରାସ୍ତାର ଅବସ୍ଥା ଶୋଚନୀୟ

**ବୁଗୁଡ଼ା, ୧୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**



ସ୍ୱାଧୀନତାର ଦୀର୍ଘ ୭୮ ବର୍ଷ ବିତିଯାଇଥିଲେ ବି ନିଜ ଗାଁକୁ ଭଲ ରାସ୍ତାଟିଏ ପାଇପାରି ନାହାନ୍ତି ଲୋକେ । ଖରା ଓ ଶୀତ ଦିନରେ ଖାଲ ଢେପରେ ପଡି ଲୋକେ ଗାଁକୁ ଯାଉଥିବା ବେଳେ ବର୍ଷା ଦିନେ ଭୋଗୁଛନ୍ତି ଯମଯନ୍ତ୍ରଣା । ପ୍ରାଶାସନିକ ଉଦାସୀନତା ଓ ନେତାଙ୍କ ଅପାରଗତା ଯୋଗୁଁ ତିନି ଖଣ୍ଡ ଗାଁର ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା । ଏଭଳି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଥିବା ରାସ୍ତାର ଦୃଶ୍ୟ ଦେଖିବାକୁ ମିଳିଛି ବୁଗୁଡା ବ୍ଲକ ଗୋଲିଆ ପଞ୍ଚାୟତରେ । ପ୍ରକାଶ ଯେ, ଗୋଲିଆ ଗ୍ରାମ ଉପକଣ୍ଠସ୍ଥ କୋଇଲୁଣ୍ଡି ଛକଠାରୁ ମରେଇପଲ୍ଲୀ ଓ ଡାହାଣୀପଲ୍ଲୀ ଗାଁ ଦେଇ ତାଳସର ଗ୍ରାମକୁ ଯାଇଥିବା ରାସ୍ତାର ଅବସ୍ଥା ଦୟନୀୟ ହୋଇପଡିଛି । ଏ ନେଇ ଏହି ତିନିଗୋଟି ଗାଁରେ ଲୋକେ ଅନେକ ଥର ଗୁହାରି କରିଥିଲେ ମଧ୍ୟ ସ୍ଥାନୀୟ ବ୍ଲକ୍ ପ୍ରଶାସନ ଶୁଣୁନଥିବା ଅଭିଯୋଗ ହେଉଛି । ଗତ ୨୦୨୩ ମସିହା ଅଗଷ୍ଟ ମାସ ୨୮ ତାରିଖ ଦିନ ଏହି ରାସ୍ତା ଯୋଗୁଁ ହିନସ୍ତା ହେଉଥିବା ଗ୍ରାମବାସୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରି ରାସ୍ତା ତିଆରି ନକଲେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଥିଲେ । ତତ୍କାଳୀନ ବିଡିଓ ବାବୁ ରାସ୍ତା ନିର୍ମାଣର ଆଶ୍ୱାସନା ଦେଇ ଲୋକଙ୍କୁ ଫେରାଇ ଦେଇଥିଲେ ଏବଂ ପରବର୍ତ୍ତୀ ନିର୍ବାଚନ ସମୟରେ ନେତାଗଣଙ୍କ ମିଥ୍ୟା ପ୍ରତିଶ୍ରୁତିରେ ଭଳିଯାଇ ଲୋକେ ଭୋଟ ମଧ୍ୟ ଦେଇଥିଲେ । ଭୋଟ ସରିଯାଇ ସରକାର ବଦଳି ଯାଇଥିଲେ ସୁଦ୍ଧା ସେହି କଦର୍ଯ୍ୟ ରାସ୍ତାର ଅବସ୍ଥା ବଦଳିଲା ନାହିଁ କି ଗାଁ ଲୋକଙ୍କ ଦୁର୍ଦ୍ଦଶା ଦୂର ହେଲାନାହିଁ । ବର୍ଷା ଦିନେ ସେହି ପାଣିଭରା ଖାଲଖମା ରାସ୍ତାରେ ଯାନବାହାନ ଚଳାଚଳ କଷ୍ଟକର ହେଉଥିବା ବେଳେ ଗୋଲିଆ ଗ୍ରାମସ୍ଥ ହାଇସ୍କୁଲରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏଁ ପଢୁଥିବା ଛାତ୍ରଛାତ୍ରୀ ଏବଂ ଭତ୍ତା ଓ ରାସନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାଆସିବା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି । ଅନ୍ୟପକ୍ଷରେ ବିପଦ ସମୟରେ ଆମ୍ବୁଲାନ୍ସ ମରେଇପଲ୍ଲୀ ଗାଁ ପାଖକୁ ଯାଇପାରୁଥିବା ବେଳେ ଅନ୍ୟ ଦୁଇ ଗାଁକୁ ଯାଇ ନପାରି ବାଟରେ ଅଟକି ଯାଉଥିବାରୁ ଲୋକେ ରୋଗୀକୁ ଆମ୍ବୁଲାନ୍ସ ପାଖକୁ ଆଣିବାକୁ ପଡୁଛି । ତେଣୁ, ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର କରିବା ପାଇଁ ଦୃଢ ଦାବି ହେଉଛି । ତେବେ ଏ ନେଇ ବର୍ତ୍ତମାନର ବିଡିଓ ଦ୍ୟୁତିକୃଷ୍ଣ ପାତ୍ରଙ୍କଠାରୁ ପ୍ରକାଶ ପାଇଛି ଯେ ସେହି ଶୋଚନୀୟ ରାସ୍ତାର ପ୍ରତିକାର ବ୍ୟବସ୍ଥା କରିବା ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟିତ୍ୱ ପ୍ରଦାନ ସମ୍ପର୍କରେ ଗତ ୨୦୨୪ ମସିହା ସେପ୍ଟେମ୍ବର ୨୪ ତାରିଖରେ ବୁଗୁଡା ପଞ୍ଚାୟତ ସମିତିରେ ନିର୍ଦ୍ଧାରଣ ପ୍ରସ୍ତୁତ କରାଯାଇ ଡିଆରଡିଓକୁ ପ୍ରେରଣ କରାଯାଇଛି ।

# ଦୁଇ ବାଇକ ମୁହାଁମୁହିଁ, ଜଣେ ଗୁରୁତର

**ବୈଶିଙ୍ଗା, ୧୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପଣସିଆ–ଅଁଳା ରାସ୍ତାର ତେନ୍ତୁଳିଗାଁ ନିକଟରେ ଗୁରୁବାର ଅପରାହ୍ଣ ପ୍ରାୟ ସାଢ଼େ ୩ଟା ସମୟରେ ଦୁଇଟି ବାଇକ ମଧ୍ୟରେ ସାମ୍ନାସାମ୍ନି ଧକ୍କା ହୋଇଥିଲା । ଫଳରେ ଉଭୟ ବାଇକରେ ଥିବା ଚାରି ଜଣକ ମଧ୍ୟରୁ ଗୋଟିଏ ବାଇକରେ ଥିବା ୩ ଜଣ ଆହତ ହୋଇଥିବାବେଳେ ଓଡି୦୧ଏଲ ୪୯୧୦ ନମ୍ବର ବାଇକରେ ଆସୁଥିବା ପାଟଲିପୁରା ପଞ୍ଚାୟତର ଦାରିହା ଗ୍ରାମର ଭୁବନ ନାୟକଙ୍କ ପୁଅ ରଞ୍ଜନ ନାଏକ (୨୪ ) ଗୁରୁତର ହୋଇ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ । ତାଙ୍କର ଅବସ୍ଥା ଗୁରୁତର ଥିବାବେଳେ ତାଙ୍କ ମୁହଁ ଓ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା । ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଦୁର୍ଘଟଣାସ୍ଥଳରୁ ଅଣାଯାଇ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଦାୟିତ୍ୱରେ ଥିବା ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରି ଥିବାବେଳେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯିବ ଜଣାଇଛନ୍ତି । ମାତ୍ର ଖବର ଲେଖା ହେବା ପର୍ଯ୍ୟନ୍ତ ତାଙ୍କ ପରିବାର ଲୋକ ଆସିନଥିବାରୁ ବାରିପଦା ପଠା ଯାଇପାରିନାହିଁ ।

# ମାର୍ଲାଙ୍ଗା ସରପଞ୍ଚ ଅଯୋଗ୍ୟ ଘୋଷିତ

**କନ୍ଧମାଳ : ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲା କୋଟଗଡ଼ ବ୍ଲକ ମାର୍ଲାଙ୍ଗା ପଞ୍ଚାୟତର ସରପଞ୍ଚ ଅଯୋଗ୍ୟ ଘୋଷିତ ହୋଇଛନ୍ତି । ୨୦୨୨ରେ ପଞ୍ଚାୟତ ନିର୍ବାଚନ ବେଳେ ଅଶୋକ ମୁଠା ମାଝୀଙ୍କର ୨ରୁ ଅଧିକ ପିଲା ଥିବାବେଳେ ମାତ୍ର ୨ଜଣ ସନ୍ତାନ ଥିବା କଥା ମିଥ୍ୟାରେ ଉଲ୍ଲେଖ କରି ପଦବୀ ହାତେଇବା ମହଙ୍ଗା ପଡ଼ିଛି ।

ପ୍ରକାଶ ଯେ, କିଛି ମାସ ପୂର୍ବେ ମନ ପାଟମାଝୀ, ଲୁସିଆନ ବଳିୟାର ସିଂ, ବୀରବର ଉଠାନସିଂ, ଜଗଦିଶ ବେହେରାମାଝୀ, ଧିରେନ ବଳିୟାରସିଂ ମିଶି ସରପଞ୍ଚ ଅଶୋକ ମୁଠାମାଝୀ ବ୍ଲକ ନିର୍ବାଚନ ଅଧିକାରୀଙ୍କ ନିକଟରେ ମିଥ୍ୟା ସତ୍ୟପାଠ ଦାଖଲ କରି ପଦବୀ ହାତେଇ ଥିବା ନେଇ କନ୍ଧମାଳ ଜିଲାପାଳଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଥିଲେ । ଉକ୍ତ ଘଟଣାର ତଦନ୍ତ କରି ଜିଲାପାଳ ବେଦଭୂଷଣ ନଭେମ୍ବର ୭ରେ ଜିଲାପାଳ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୬୦୬ ଅନୁଯାଇ ଅଶୋକ ମୁଠାମାଝୀଙ୍କୁ ଅଯୋଗ୍ୟ ବିବେଚିତ କରି ସ୍ଥାନୀୟ ବଡ଼ିଓ କୋଟଗଡଙ୍କୁ ପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି ।

# ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତଦେହ ଠାବ


**ପାରଳାଖେମୁଣ୍ଡି, ୧୪।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗାରାବନ୍ଧ ଥାନା ଅନ୍ତର୍ଗତ ମରକଡା ଗାଁରେ ଯୁବକଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଠାବ ହୋଇଛି । ଦୀର୍ଘ ୩୦ ଘଣ୍ଟା ଧରି ଘଟଣାସ୍ଥଳରେ ମୃତଦେହ ପଡ଼ି ରହିଛି । ତେବେ ସ୍ତ୍ରୀ ଓ ଶାଶୁ ଘରର ସମସ୍ତ ସଦସ୍ୟ ଫେରାର ହୋଇଯାଇଥିବା ବେଳେ ସଂପର୍କୀୟମାନେ ହତ୍ୟା ଅଭିଯୋଗ ଆଣିଛନ୍ତି । ମୃତକ ହେଉଛନ୍ତି ସେହି ଗ୍ରାମର ୩୦ ବର୍ଷୀୟ ଦାଉଦ୍ କାର୍ଯୀ ।

ଗତ ଚାରିମାସ ତଳେ ୨ ଜୁଲାଇରେ ପଡ଼ୋଶୀ ସୁଶମିଳା ଶବରଙ୍କ ସହ ଦାଉଦଙ୍କ ବାହାଘର ହୋଇଥିଲା । ବିବାହ ପୂର୍ବରୁ ଉଭୟ ପରିବାରଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା । କଥା ଗ୍ରାମରେ ସମାଧାନ ନହୋଇପାରିବାରୁ ଥାନାରେ ପହଞ୍ଚିଥିଲା । କୌଣସି ମତେ ଥାନାରେ ବିବାଦର ସମାଧାନ ପରେ ଉଭୟଙ୍କ ବାହାଘର ହୋଇଥିଲା । ବିବାହର ୪ ମାସ ମଧ୍ୟରେ କୌଣସି ଝଗଡା ହୋଇ ନଥିବା ସମ୍ପର୍କୀୟ କହୁଥିବା ବେଳେ ଦାଉଦଙ୍କ ପରିବାର ସହ ସେମାନଙ୍କ କୌଣସି ସମ୍ପର୍କ ନଥିଲା । କିନ୍ତୁ ଗତ ୧୧ ତାରିଖ ରାତିରେ ଶଶୁର ଘର ଲୋକଙ୍କ ଉପସ୍ଥିତିରେ ଝଗଡ଼ା ହୋଇଥିଲା । ପରଦିନ ସକାଳ ପ୍ରାୟ ୧୦ଟାରେ ଦାଉଦ୍ ଆତ୍ମହତ୍ୟା କରିଥିବା ନେଇ ସ୍ତ୍ରୀ ଗ୍ରାମବାସୀଙ୍କୁ ଜଣାଇଥିଲେ । ଗ୍ରାମବାସୀ ଏକଜୁଟ ହୋଇ ଆସି ଦେଖିବା ବେଳକୁ ଶବ ଘର ଭିତରେ ତଳେ ପଡ଼ି ରହିଥିଲା, ଯାହାକୁ ନେଇ ଗ୍ରାମବାସୀ ଓ ମୃତକଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ସନ୍ଦେହ ଘନିଭୂତ ହୋଇଥିଲା । ସେହି ସମୟଠାରୁ ସମସ୍ତେ ଫେରାର ହୋଇଯାଇଛନ୍ତି । ଏନେଇ ଗାରାବନ୍ଧ ଥାନାରେ ହତ୍ୟା କରାଯାଇଥିବା ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତିନି ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ ନିଶିକା ସୂଚନା ଦେଇଛନ୍ତି ।

# ଆବର୍ଜନା ଜଳରେ ମହାନଦୀ ପ୍ରଦୂଷିତ

**ସମ୍ବଲପୁର, ୧୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**



ଏକଦା ମହାନଦୀର ସ୍ୱଚ୍ଛ ନିର୍ମଳ ଜଳରାଶିକୁ ଦେଖି ପ୍ରସିଦ୍ଧ ସମ୍ବଲପୁରୀ କବି ସତ୍ୟନାରାୟଣ ବହିଦାର ଲେଖିଥିଲେ 'ସମ୍ବଲପୁରର୍ ମାଟିପାନି ଝର୍ସି ହୀରାନୀଲା..' । ଆଜି ସେହି ସ୍ଥିତି ନାହିଁ । ଓଡ଼ିଶାର ଜୀବନରେଖା ମହାନଦୀ ପାଣି ସମ୍ବଲପୁରରୁ କଟକ, ପାରାଦୀପ ପର୍ଯ୍ୟନ୍ତ ସବୁଠି ପ୍ରଦୂଷିତଛି ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡ ସମେତ ଚାରି ପାର୍ଶ୍ୱ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ଗିଉଠଛି ଅନେକ କଳକାରଖାନା । ଏସବୁର ବର୍ଜ୍ୟ ହୀରାକୁଦ ଡ୍ୟାମ୍ ଜଳରେ ମିଶୁଛି । ନିର୍ଗତ ବିଷାକ୍ତଜଳ ବିଶୋଧନ କରିବାକୁ କାରଖାନାଗୁଡ଼ିକରେ ବ୍ୟବସ୍ଥା ରହିଛି । ବିଶୋଧନ ପରେ ହିଁ ଛାଡ଼ିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ହେଲେ ଏହା ପାଳନ କରାଯାଉନାହିଁ ବୋଲି ଏଭଳି ସ୍ଥିତି ହୋଇଛି । ଛୋଟବଡ଼ ନାଳ ଦେଇ କାରଖାନାଗୁଡ଼ିକର ଦୂଷିତ ପାଣି ହୀରାକୁଦ ଜଳଭଣ୍ଡାରରେ ମିଶୁଛ । ଏହାର ପ୍ରଭାବ ଜଳଭଣ୍ଡାରର ମାଛବଂଶ ଉପରେ ପଡୁଛି । ଅନେକ ପ୍ରଜାତିର ମାଛ ଏବେ ଆଉ ମିଳୁନାହାନ୍ତି ।

ମୁଖ୍ୟ ଆବର୍ଜନା ଜଳ ନିଷ୍କାସନ ପଥ ଧୋବିଯୋର ସମେତ ୧୪ଟି ଛୋଟବଡ଼ ନାଳ ଜରିଆରେ ସମ୍ବଲପୁର ସହରର ଆବର୍ଜନା ପାଣି ମହାନଦୀରେ ମିଶୁଛି । ସମ୍ବଲପୁରରେ ସ୍ୱେରେଜ୍ ପ୍ଲାଣ୍ଟ କାମ ଦୀର୍ଘ ୭ ବର୍ଷରୁ ସରୁନିଛ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡ. ସତ୍ୟନାରାୟଣ ନନ୍ଦ କହିଛନ୍ତି, ଜଳପ୍ରବାହ ସମୟରେ ମହାନଦୀର ପାଣି ସ୍ୱଚ୍ଛ ଅର୍ଥାତ୍ ବ୍ୟବହାରଯୋଗ୍ୟ ରହୁଛି । ମୁଖ୍ୟତଃ ମାର୍ଚ୍ଚରୁ ଜୁନ ମଧ୍ୟରେ ମହାନଦୀ ଜଳସ୍ତର 'ସି' ବର୍ଗରୁ ଚାଲିଯାଉଛି, ଯାହା ବ୍ୟବହାର ପାଇଁ ଆଦେ ଉପଯୋଗୀ ନୁହେଁ ବୋଲି ସେ କହିଛନ୍ତି ।

# ଅସହାୟ ଚନ୍ଦ୍ରମଣିଙ୍କୁ ସରକାରୀ ସହାୟତା କେବେ?

**ଗଞ୍ଜାମ, ୧୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**



ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଇରାଶି ପଞ୍ଚାୟତ ଅନ୍ତର୍ଗତ ତାରିଣୀ ପଲି ଗ୍ରାମରେ ଜଣେ ଅସହାୟ ବୃଦ୍ଧା ଗୋଟିଏ ଭଙ୍ଗା ଦଦରା ଘରେ ପଡିରହିଥିବା ଦେଖିବାକୁ ମିଳିଛି । ତାଙ୍କୁ ନା କୌଣସି ସରକାରୀ ତରଫରୁ ଭତ୍ତା ମିଳୁଛି ନା ସରକାର ତରଫରୁ ଘର ଖଣ୍ଡିଏ ମିଳୁଛି । କେବଳ ଗ୍ରାମର ଲୋକଙ୍କ ସହାୟତା ଯୋଗୁଁ ସେ ବଞ୍ଚି ରହିଛନ୍ତି ବୋଲି ଗ୍ରାମର ଯୁବକମାନେ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ରହିଥିବା ପରେ ବି, ସେସବୁ ତାଙ୍କ ପାଇଁ ଅପହଞ୍ଚ ପାଲଟିଛି । ସେ ହେଉଛନ୍ତି ତାରିଣୀ ପଲି ଗ୍ରାମର ସ୍ୱର୍ଗତ ଗୋପୀନାଥ ବେହେରାଙ୍କ ସ୍ତ୍ରୀ ଚନ୍ଦ୍ରମଣି ବେହେରା ୬୦ ଅଟନ୍ତି । ପରିବାର ଆଉ ତାଙ୍କ ପାଖରେ କେହି ନାହାନ୍ତି । କିଛି ବର୍ଷ ପୂର୍ବରୁ ସ୍ୱାମୀ ମୃତ୍ୟୁବରଣ କରିଛନ୍ତି । ପୁଅଝିଅ ମଧ୍ୟ କେହିନାହାନ୍ତି । ଚନ୍ଦ୍ରମଣି ଜଣେ ମାନସିକ ରୋଗୀ ବୋଲି ଗ୍ରାମର ଲୋକଙ୍କଠୁ ଶୁଣିବାକୁ ମିଳିଛି । ଗ୍ରାମର ଯୁବକମାନେ ଅଭିଯୋଗ ଆଣିଛନ୍ତି ବୃଦ୍ଧା ଜଣକୁ ସରକାରଙ୍କ ତରଫରୁ ଭତ୍ତା ମିଳୁନା ଭତ୍ତା ମିଳିବା ପାଇଁ ସେ ମହିଳା ଜଣକ ଯୋଗ୍ୟ ଥିଲେ ମଧ୍ୟ ତାଙ୍କୁ ମିଳୁନି । ଯେଉଁ ଭାଙ୍ଗି ରୁଜି ଯାଇଥିବା ଆଜବେଷ୍ଟ ଘରଟି ରହିଛି ସେଠି ଦିନରେ ସୂର୍ଯ୍ୟ କିରଣ ଏବଂ ରାତ୍ର ଚନ୍ଦ୍ର ଲୋକ ପଡୁଥିବା ଜଣାପଡୁଛି । ଏଭଳି ସ୍ଥିତିରେ ବୃଦ୍ଧା ଜଣକ ସେଠି ଭାଗ୍ୟକୁ ଆଦରି ପଡ଼ିରହିଛି । ଜିଲ୍ଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ତାଙ୍କୁ ଆବଶ୍ୟକ ସହାୟତା ଯୋଗାଇବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି ।

# ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ

**ବାଙ୍କୀ, ୧୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ବ୍ଲକ ଅନ୍ତର୍ଗତ ପଣ୍ଡାଲମ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ବଖରା ଘର ପୋଡିବା ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ସୂଚନା ଯୋଗ୍ୟଯେ ଏହି ଗାଁର ଅଧିକାରୀ ବେହେରା ଓ ସୁଦର୍ଶନ ବେହେରା ଘରେ ଶୋଇଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ କଳାପଥର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ମଧ୍ୟ ବହୁ ସମ୍ପତ୍ତି ପୋଡି ଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ ।

# ଜଳିଗଲା ମୋଟରସାଇକେଲ ପାର୍ଟସ୍ ଗୋଦାମ

**ଜଗତସିଂହପୁର, ୧୪।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପାରାଦୀପ ଅଠରବାଙ୍କି ମାର୍କେଟ ବିଲ୍ଡିଂରେ ଗତକାଲି ରାତିରେ ଅଗ୍ନିକାଣ୍ଡ ଘଟିଛି । ଏକ ମୋଟରସାଇକେଲ ପାର୍ଟସ୍ ଗୋଦାମରେ ନିଆଁ ଲାଗି ପାଉଁଶ ହୋଇଯାଇଛି । ଖବର ପାଇ କୁଜଙ୍ଗ, ପାରାଦୀପ ବନ୍ଦର ଓ ଇଫକୋ ଅଗ୍ନିଶମ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । କିନ୍ତୁ ସେତେବେଳକୁ ଜଳି ପୋଡ଼ି ପାଉଁଶ ହୋଇ ଯାଇଥିଲା । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିଲେ ମଧ୍ୟ ସର୍ଟ ସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି । ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି । ଯେହେତୁ ପାର୍ଟ୍ସଗୁଡ଼ିକ ଜରି ଓ କାଗଜ ପେଟିରେ ପ୍ୟାକିଂ ହୋଇଥିବାରୁ ସଙ୍ଗେ ସଙ୍ଗେ ନିଆଁ ବ୍ୟାପି ଯାଇଥିଲା ଏବଂ ଗୋଦାମ ଘରେ ଥିବା ସମସ୍ତ ପାର୍ଟ୍ସ ପୋଡ଼ି ନଷ୍ଟ ହୋଇଯାଇଛି ।

# ଅସ୍ତିତ୍ୱ ହରାଇବାକୁ ବସିଛି ଐତିହାସିକ ରତ୍ନଚିରା ନଦୀ

**ସାକ୍ଷୀଗୋପାଳ, ୧୪।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଉତ୍କଳର ଗୌରବ ରତ୍ନଚିରା ନଦୀ ଆଜି ପ୍ରାଶାସନିକ ଅପାରଗତା ଓ ଜନତାଙ୍କ ଆଗ୍ରହର ଅଭାବରୁ ସବୁଦିନ ପାଇଁ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି । ଏହି ନଦୀର ପୁନରୁଦ୍ଧାର ପାଇଁ ବିଭିନ୍ନ ସମୟରେ ଅନେକ ନେତା ଓ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି କିନ୍ତୁ କୌଣସି ପ୍ରତିଶ୍ରୁତି ଏଯାଏଁ ପୂରଣ ହୋଇପାରିନାହିଁ । ଏହା ପରବର୍ତ୍ତୀ ସମୟରେ ରତ୍ନଚିରା ନଦୀ ଭାବେ ପରିଚିତ ହୋଇଥିଲା । ଐତିହାସିକଙ୍କ ମତରେ ଏହାର କୂଳରେ ୧୪ ବର୍ଷ ପୂର୍ବେ ଏକ ସଭ୍ୟତା ଗଢି ଉଠିଥିଲା । ୬୦ କିମି ଦୀର୍ଘ ଏହି ନଦୀ ଦେଇ ଚିଲିକାରୁ ସମୁଦ୍ର ପଥରେ ସେହି ସମୟରେ ନୌବାଣିଜ୍ୟ କରାଯାଉଥିଲା । ପିପିଲି ମଧ୍ୟଦେଇ ପ୍ରବାହିତ ଏହି ଐତିହାସିକ ରତ୍ନଚିରା ନଦୀର ପୁନରୁଦ୍ଧାର ହେବ ବୋଲି ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟ ସଂସ୍କୃତି ମନ୍ତ୍ରୀ ପିପିଲି ଉପନିର୍ବାଚନ ପୂର୍ବରୁ, ଅର୍ଥାତ୍ ୨୦୨୧ ଜୁଲାଇ ମାସରେ କଥା ଦେଇଥିଲେ । ରାଜ୍ୟ ସଂସ୍କୃତି ମନ୍ତ୍ରୀ ପ୍ରତିଶ୍ରୁତିକୁ ୪ ବର୍ଷ ପୂରିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ । ୨୦୨୧ ଜୁଲାଇ ମାସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଐତିହାସିକ ରତ୍ନଚିରାର ପୁନରୁଦ୍ଧାର, ରକ୍ଷଣାବେକ୍ଷଣ ଓ ଡକ୍ୟୁମେଟେସନ କରିବା ପାଇଁ ତତ୍କାଳୀନ କେନ୍ଦ୍ର ସଂସ୍କୃତିମନ୍ତ୍ରୀ ଜି କିଷାନ ରେଡ୍ଡିଙ୍କୁ ଚିଠି ଲେଖିଥିଲେ ।

ସୂଚନାଯୋଗ୍ୟ ଯେ, ଐତିହାସିକ ରତ୍ନଚିରା ନଦୀ ଏବେ ଲୁପ୍ତ ଓ ସଂକୁଚିତ ହେଉଛି । ପିପିଲିରୁ ବାହାରି ସତ୍ୟବାଦୀ, ବ୍ରହ୍ମଗିରି ଦେଇ ଚିଲିକା ନିକଟରେ ମିଶିଥିବା ବହୁ ପୁରାତନ ନଦୀ ରତ୍ନଚିରା । ଅନେକ ସ୍ଥାନରେ ନଦୀକୁ ପୋତି ଘର ବାରି କରିସାରିଲେଣି ଜବରଦଖଲକାରି ତ ଅନ୍ୟ କେଉଁଠି ନଦୀ ମଝିରେ ଶୁଖିଲା ପଡୁଛି ତ ଗାଈଗୋରୁଙ୍କ ଚାରାଭୂଇଁ ପାଲଟିଛି । ପୁଣି ଆଉ କୋଉଠି ଦଳରେ ପରିପୂର୍ଣ୍ଣ ପୁରା ନଦୀ, ଅନେକ ଲୋକେ ଦେଖିଲେ ଜାଣିପାରୁନାହାନ୍ତି ପ୍ରକୃତରେ ଏହା ନଦୀ ନା ପଡିଆ । ପୂର୍ବ ସରକାର ଅମଳରେ ପୁନରୁଦ୍ଧାର ପାଇଁ ଆଲୋଚନା ହୋଇଥିଲା । ପୂର୍ବରୁ ଯାହା ଥିଲା ତାହାଠାରୁ ଦୟନିୟ ଅବସ୍ଥାରେ ରତ୍ନଚିରା ନଦୀ । ପିପିଲି ବ୍ଲକ ଠାରୁ ଆରମ୍ଭ କରି ସତ୍ୟବାଦୀ ବ୍ଲକ ପର୍ଯ୍ୟନ୍ତ ଅନେକ ସ୍ଥାନରେ ରତ୍ନଚିରା ନଦୀ ଉପରେ ଅନେକ ସ୍ଥାନରେ ନଦୀ ମଝିରେ ବସବାସ କଲେଣି ଗାଁ ତ ଆଉ କୋଉଠି ରାସ୍ତା ସହିତ ଜନବସତି, ଏମିତି କି ପିପିଲି ଦାଣ୍ଡମୁକୁନ୍ଦପୁର ନିକଟରେ ଥିବା ରତ୍ନଚିରା ଗାଁ ଏବେ ରତ୍ନଚିରା ନଦୀ ମଝିରେ ଯୋଉଠି ଦିନେ ବୋଇତ ମାଧ୍ୟମରେ ବ୍ୟବସାୟ କରିବାକୁ ଏହି ନଦୀ ମାଧ୍ୟମ ସାଜିଥିଲା ତାହା ଏବେ ପରିଚୟ ଶୂନ୍ୟ ହେବାକୁ ଥିବାବେଳେ ଲୁପ୍ତ ପ୍ରାୟ ଅବସ୍ଥାରେ ।

ରତ୍ନଚିରା ନଦୀର ପୁନରୁଦ୍ଧାର ହେବ ବୋଲି ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ପ୍ରଶାସନ । ସେହିପରି ତତ୍କାଳୀନ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମଧ୍ୟ ଉକ୍ତ ନଦୀର ପୁନରୁଦ୍ଧାର ଦାୟିତ୍ୱ ସରକାର ନେବେ ବୋଲି କହିଥିଲେ । ପୁନରୁଦ୍ଧାର ହେବା ତ ଦୂରର କଥା ବର୍ତ୍ତମାନ ଏହି ନଦୀର ଅନେକ ସ୍ଥାନ ଜବରଦଖଲ ହୋଇଛି । କଳିକତି ଦଳରେ ନଦୀଗର୍ଭ ପୋତି ହୋଇଯାଇଛି । ନଦୀ ସବୁଦିନ ପାଇଁ ଇତିହାସରେ ହଜିଯିବା ପୂର୍ବରୁ ଏହାର ପୁନରୁଦ୍ଧାର ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରୁ ବାରମ୍ବାର ଦାବିହୋଇଆସୁଛି । ତେବେ କେବେ ପ୍ରଶାସନ ଏହି ନଦୀ ଉପରେ ନଜର ପକାଉଛି ତାହା କେବଳ ସମୟ କହିବ ।

■ ଆମ ଦେଶର ଶିଶୁ ଦୁଇଟି ବର୍ଗରେ ବିଭକ୍ତ । ଧନୀକ ବର୍ଗ ଏବଂ ଗରିବ ବର୍ଗ । ଧନୀକ ବର୍ଗର ଶିଶୁମାନେ ଯେଉଁଭଳି ଲାଳିତପାଳିତ ହୁଅନ୍ତି ନିଅଣ୍ଟିଆ ଘରର ବାପା ମା'ମାନେ ସେମାନଙ୍କ ପିଲାଙ୍କୁ ସେତିକି ଯତ୍ନର ସହ ବଢ଼ାଇପାରନ୍ତି ନାହିଁ । ଅପପୁଷ୍ଟିର ଶିକାର ହେବା କାରଣରୁ ସେମାନଙ୍କ ବୌଦ୍ଧିକ ବିକାଶ ଧନୀକ ବର୍ଗର ପିଲାଙ୍କ ସହିତ ସମାନ ହୋଇନଥାଏ । ତେଣୁ ଏମାନେ ପାଠପଢ଼ାର ସୁଯୋଗ ପାଇଲେ ମଧ୍ୟ ଅନେକ ସମୟରେ ପ୍ରତିଯୋଗିତାରେ ହାରିଯାଇଥାନ୍ତି ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୧୫ ନଭେମ୍ବର ୨୦୨୫ | ଶନିବାର

ଓଡ଼ିଶା ଏକ୍ସପ୍ରେସ୍

# ଆଜିର ଶିଶୁ!

ନଭେମ୍ବର ୧୪ ତାରିଖ ଥିଲା ଶିଶୁ ଦିବସ । ଏ ଅବସରରେ ଆୟୋଜିତ ସଭାସମିତିମାନଙ୍କରେ ବକ୍ତାମାନେ ପ୍ରତିବର୍ଷ ଯାହା କହନ୍ତି ସେଇ କଥାକୁ ପୁଣି ଥରେ ଦୋହରାଇଥିଲେ, ସେଇ ଧରାବନ୍ଧା ଭାଷଣ– ଶିଶୁମାନେ ଦେଶର ଭବିଷ୍ୟତ, ତେଣୁ ସେମାନଙ୍କ ଶାରୀରିକ ଏବଂ ମାନସିକ ଅଭିବୃଦ୍ଧି କିଭଳି ଉତ୍ତମରୂପେ ହୋଇପାରିବ ସେ ଦିଗ ପ୍ରତି ଆମେ ସଚେତନ ରହିବା ଜରୁରି ।

ଶିଶୁ ଜନ୍ମର ପ୍ରଥମ ଏକହଜାର ଦିନ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏଇ ସମୟ ଭିତରେ ଶିଶୁର ୮୫% ମସ୍ତିଷ୍କର ବିକଶ ହୋଇଥାଏ । ପ୍ରଶ୍ନ ଉଠୁଛି ମସ୍ତିଷ୍କର ବିକାଶ ପାଇଁ ଯେଉଁସବୁ ପୁଷ୍ଟିର ଆବଶ୍ୟକତା ଥାଏ ତାହା ଆମ ଦେଶର ପ୍ରତିଟି ଶିଶୁ ପାଇଥାଏ କି?

ଶିଶୁ ଦିବସ ଦିନ ପ୍ରକାଶିତ ଏକ ଖବର ଏଇଭଳି– ମଧ୍ୟାହ୍ନଭୋଜନ ନଖାଇ ଫେରୁଛନ୍ତି ଛାତ୍ରଛାତ୍ରୀ, କାରଣ ଗନ୍ଧିଆ– ଗମରା ଚାଉଳର ଭାତ ପିଲାଏ ଖାଇବାକୁ ଇଚ୍ଛା କରୁନାହାନ୍ତି । ଓଡ଼ଗାଁ ଶୋଳପଟା ହାଇସ୍କୁଲରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଏ ଘଟଣାକୁ ନେଇ ଗ୍ରାମବାସୀ ଅଭିଯୋଗ କରିବା ପରେ ଏବିଇଓ ସ୍କୁଲ୍‌ରେ ପହଞ୍ଚି ତଦନ୍ତ କରି ସତ୍ୟାସତ୍ୟ ଜାଣିବା ପରେ ଦୁଇଦିନ ଭିତରେ ଭଲ ଚାଉଳ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସ୍କୁଲ୍‌ରେ ଚାଉଳ ପହଞ୍ଚିପାରି ନାହିଁ । ଚାଉଳ ଯୋଗାଉଥିବା ସଂସ୍ଥା ସହ ଏବିଇଓଙ୍କର ସଲାସତରା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । କେବଳ ଗୋଟିଏ ସ୍କୁଲ୍ ନୁହେଁ ପାଖାପାଖି ୧୫ରୁ ୨୦ଟି ସ୍କୁଲ୍‌ର ଅବସ୍ଥା ଏଇଭଳି ।

ଆମ ଦେଶର ଶିଶୁ ଦୁଇଟି ବର୍ଗରେ ବିଭକ୍ତ । ଧନୀକ ବର୍ଗ ଏବଂ ଗରିବ ବର୍ଗ । ଧନୀକ ବର୍ଗର ଶିଶୁମାନେ ଯେଉଁଭଳି ଲାଳିତପାଳିତ ହୁଅନ୍ତି ନିଅଣ୍ଟିଆ ଘରର ବାପା ମା'ମାନେ ସେମାନଙ୍କ ପିଲାଙ୍କୁ ସେତିକି ଯତ୍ନର ସହ ବଢ଼ାଇପାରନ୍ତି ନାହିଁ । ଅପପୁଷ୍ଟିର ଶିକାର ହେବା କାରଣରୁ ସେମାନଙ୍କ ବୌଦ୍ଧିକ ବିକାଶ ଧନୀକ ବର୍ଗର ପିଲାଙ୍କ ସହିତ ସମାନ ହୋଇନଥାଏ । ତେଣୁ ଏମାନେ ପାଠପଢ଼ାର ସୁଯୋଗ ପାଇଲେ ମଧ୍ୟ ଅନେକ ସମୟରେ ପ୍ରତିଯୋଗିତାରେ ହାରିଯାଇଥାନ୍ତି ।

ଆମ ରାଜ୍ୟରେ ଖୁବ୍ ଦୟନୀୟ ସ୍ଥିତିରେ ଥିବା ଶିଶୁଙ୍କ ସଂଖ୍ୟା ୬ ଲକ୍ଷ ବୋଲି ଦାବି କରନ୍ତି ଅନେକ ଶିଶୁ ସୁରକ୍ଷା ସଂସ୍ଥା । ଏଇ ଶିଶୁମାନଙ୍କୁ ବିଭିନ୍ନ ପ୍ରକାର ଶ୍ରମରେ ନିୟୋଜିତ କରାଯାଏ । ଏମାନଙ୍କୁ ସୁରକ୍ଷା ଦେବା ପାଇଁ ଆଇନ୍ ଥିଲେ ମଧ୍ୟ ତାହା କେତେ ନିଷ୍ଠାର ସହ କାର୍ଯ୍ୟକାରୀ ହୁଏ ସେକଥା ଏ ପରିସଂଖ୍ୟାନରୁ ବେଶ୍ ଜଣାଯାଏ ।

ଆମ ଦେଶରେ ଖାଦ୍ୟଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ– ଏସବୁ ଭିନ୍ନ ଭିନ୍ନ ମାନର ଉପଲବ୍ଧ ହୋଇଥାଏ । ଯାହାର ଦାମ୍ ଯେତେ ବେଶି ତା'ର ଗୁଣାତ୍ମକମାନ ସେତେ ଅଧିକ ।

ସରକାରୀ ସ୍କୁଲ୍ ରହିଛି ତା' ସହିତ ନ୍ୟାସନାଲ ଏବଂ ଇଣ୍ଟର ନ୍ୟାସନାଲ ସ୍କୁଲ୍ ମଧ୍ୟ ରହିଛି । ଧନୀକ ବର୍ଗର ପିଲାଏ ସେଇସବୁ ସ୍କୁଲ୍‌ରେ ପଢ଼ନ୍ତି । ସ୍ୱାସ୍ଥ୍ୟସେବା ମଧ୍ୟ ଠିକ୍ ସେଇଭଳି । ସାଧାରଣ ସ୍ୱାସ୍ଥ୍ୟସେବା ରହିଛି, ସୁପର ସ୍ପେଶାଲ ଡିଲକ୍ସ ସେବା ମଧ୍ୟ ରହିଛି । ଖାଦ୍ୟ ପଦାର୍ଥ ମଧ୍ୟ ଠିକ୍ ସେମିତି । ଫୁଟ୍‌ପାଥ୍‌ରେ ଖାଦ୍ୟ ବିକ୍ରି ହେଉଛି, ତାରକା ହୋଟେଲରେ ମଧ୍ୟ ଖାଦ୍ୟ ବିକ୍ରି ହେଉଛି । ତେଲ, ଘିଅ, ଡାଲି, ଚିନି, ଅଟା ଏସବୁ ମଧ୍ୟ ବିଭିନ୍ନ ଗୁଣାତ୍ମକମାନର ଉପଲବ୍ଧ ହୋଇଥାଏ । ଯେତେ ଭଲ, ଦାମ୍ ସେତେ ଅଧିକ । ଏଇସବୁ କାରଣରୁ ଦୁଇଟି ବର୍ଗର ଶିଶୁ ଦେଖାଯାଏ ଆମ ଦେଶରେ । ଧନୀକ ବର୍ଗର ଶିଶୁ ଏବଂ ଗରିବ ବର୍ଗର ଶିଶୁ ।

ଯେଉଁ ଶିଶୁମାନଙ୍କର ବାପା ମା' ଦାଦନ ଖଟିବାକୁ ଯାଉଛନ୍ତି ସେମାନଙ୍କ ପିଲାମାନେ ଅଧାରୁ ପାଠ ଛାଡୁଛନ୍ତି । ବାପା ମା'ଙ୍କ ସହିତ ପାଦ ମିଳାଉଛନ୍ତି । ଏମାନଙ୍କ ଶ୍ରମକୁ ମଧ୍ୟ କାମରେ ଲଗାଯାଉଛି । ତେଣୁ ଶିଶୁଙ୍କ ପାଇଁ କିଭଳି ସୁରକ୍ଷାର ଆବଶ୍ୟକତା ରହିଛି ଏକଥା ହୁଏତ କାହାରିକୁ ଅଛପା ନାହିଁ । ତଥାପି ଆଜିର ଦିନରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ଏତେ ଅଧିକ କାହିଁକି ଆମ ଦେଶରେ, ଏଇଟା ହିଁ ମୂଳ ପ୍ରଶ୍ନ ।

# ନିର୍ବାସିତ-ନିର୍ବାଚିତ



ଅଆ-ପଣକିଆ

ବିଜୟ ଦାସ

ଅପସାରିତ ଓ ଦେଶରୁ ବହିଷ୍କୃତ ବ୍ୟକ୍ତିର ବିଳାପ ସବୁଠାରୁ ଯନ୍ତ୍ରଣାଦାୟକ ବୋଲି ଆଗେ ବିଚାର କରାଯାଉଥିଲା । ମୃତ୍ୟୁଦଣ୍ଡ ପରେ ନିର୍ବାସନ ହେଉଛି କଠିନ ଦଣ୍ଡବିଧାନ । ଇଂରେଜମାନଙ୍କ ରାଜୁତି ସମୟରେ କଳାପାଣି ପଠେଇବା ଏକପ୍ରକାର ଆତଙ୍କିତ କରି ରଖିବାର ନିୟମକାନୁନ। ସତରେ ନିଜ ମାଟିରୁ ବିତାଡ଼ିତ ହୋଇ, ନିଜ ସାଥି ପରିଜନଙ୍କଠାରୁ ବିଚ୍ଛିନ୍ନ ହୋଇ, ନିଜର ଅନ୍ତରଙ୍ଗ ସମାଜଠାରୁ ବାହାରି ଯାଇ ଯେଉଁ ପୀଡ଼ା, ଯନ୍ତ୍ରଣା ଏବଂ ବିତସ୍ପୃହ ଜୀବନ ବିତେଇବାକୁ ହୁଏ, ତାହା ଅକଳନୀୟ। କାରଣ ମଣିଷ ଏକ ସାମାଜିକ ପ୍ରାଣୀ ଏବଂ ଜନ୍ମରୁ ଏକ ନିର୍ଦ୍ଦିଷ୍ଟ ସମାଜର ଚଳଣି, ପ୍ରଥା ପରମ୍ପରା ତଥା ବିଧିବିଧାନ ତା'ର ଅସ୍ଥିମଜ୍ଜାଗତ ହୋଇଥିବାବେଳେ, ନିର୍ବାସିତ ହେଲାପରେ ଏସବୁର ଦୂରରେ ରହିବାକୁ ବାଧ୍ୟ ହୁଏ । ଶୂନ୍ୟ ଲାଗେ ଜୀବନ, ସ୍ୱାଦହୀନ ଲାଗେ ଜୀବନଚର୍ଯ୍ୟା । ହୁଏତ ଏସବୁ ବିଗତ ଶତାବ୍ଦୀର ଚିନ୍ତାଧାରା । ଏବେ ନବଯୁଗର ନବୀନ ଚିନ୍ତନ ହେଉଛି, ନିଜେ ନିଜକୁ ନିର୍ବାସିତ କରାଇ ଅନ୍ୟ ଦେଶର ଧାରାରେ ନିଜକୁ ସାମିଲ କରିବା ଓ ପୂର୍ବ ସଂସ୍କୃତିକୁ ବାଏ ବାଏ କରି ଭୁଲିଯିବା । ତ, ଏଥିରେ ବିଳାପଆସିଲା କେଉଁଠୁ? ବହିଷ୍କରଣ ବା ବିତାଡ଼ନର ପ୍ରଶ୍ନ ଆସିଲା କେଉଁଠୁ?

ଖଳ ପ୍ରକୃତିର ଲୋକ, ଦୁଷ୍ଟଲୋକ, ଦୁର୍ଜନମାନଙ୍କର ଆକ୍ରୋଶ ଓ ଅତ୍ୟାଚାରରେ ବ୍ୟତିବ୍ୟସ୍ତ ସମାଜ ଯେ ସେମାନଙ୍କୁ ବିତାଡ଼ିତ କରେ ତାହା କେବଳ ନିର୍ବାସନର ଗୋଟିଏ ଗୋଟିଏ ଉଦାହରଣ ନୁହେଁ । ଏହାଛଡ଼ା ଯେଉଁ ସମାଜର ଶାସକ କ୍ରୂର ଏବଂ ଏକଛତ୍ରବାଦୀ, ସେ ମଧ୍ୟ ବିଦ୍ରୋହୀମାନଙ୍କୁ, ସାମ୍ୟବାଦର ସ୍ୱର ଉଠାଉଥିବା ବ୍ୟକ୍ତିମାନଙ୍କୁ ନିର୍ବାସିତ କରେ । ଏହି ଦୁଇଟି ଅଲଗା ଅଲଗା କଥା। ପ୍ରଥମତଃ ଦାଉଦ୍ ପରି ଅସାମାଜିକ ତତ୍ତ୍ୱଙ୍କୁ ଯେଉଁ ପ୍ରାନ୍ତଙ୍କୁ ବିତାଡ଼ିତ କଲେ ବି ସେମାନେ ସେମାନଙ୍କର ଦୁଷ୍ଟ ବୃଦ୍ଧି ପ୍ରୟୋଗ କରି ଚାଲିଥାଆନ୍ତି । ଆତଙ୍କବାଦୀ ହୁଅନ୍ତୁ ବା ଯେତେଯେତେ ଦୁଷ୍ଟ ତତ୍ତ୍ୱ ହୁଅନ୍ତୁ, ଆଜିକାଲିର ଇଣ୍ଟରନେଟ୍ ଯୁଗରେ ସେମାନଙ୍କର ନେଟ୍‌ୱାର୍କ ଚଳାଇଥାଆନ୍ତି । ସେମାନଙ୍କ ପାଇଁ ଯେ ନିର୍ବାଚସନ, ବିତାଡ଼ନ ବା ଦେଶାନ୍ତରର କୌଣସି ଭୟ ନାହିଁ ।

ଦ୍ୱିତୀୟଟି ହେଉଛି ଯେ କୁଶାସନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ଅପରାଧୀ ସଜେଇ ନିଜ ହୁକୁମାତି ପାଇଁ ଦୂରକୁ ପଠାଇଦେବା । ହେଲେ 'ଢ଼ିଙ୍କି ସ୍ୱର୍ଗକୁ ଗଲେ ମଧ୍ୟ ଧାନ କୁଟିବା' ପରି କଥାଟି ମଧ୍ୟ ପ୍ରଯୁଜ୍ୟ। କାରଣ ଦୂରକୁ ଗଲେ ବି ଆନ୍ଦୋଳନ ଜାରି ରଖନ୍ତି ବିପ୍ଳବୀମାନେ, ଯାହାକି ବିଶ୍ୱ ଦରବାରରେ ଶାସକଙ୍କୁ ନିନ୍ଦିତ କରାଏ ଏବଂ ବେଶି ଚାପ ସୃଷ୍ଟି ହୁଏ। ଆଜିର ସମୟରେ ନା ଏକାନ୍ତ ଦ୍ୱୀପ ଅଛି ନା ଶୂନ୍‌ଶାନ ଜନବସତି ଶୂନ୍ୟ ସ୍ଥାନ ରହିଛି । କାରଣ ପୃଥିବୀ ଏବେ ତ ଯୋଗାଯୋଗ ଓ ସମ୍ପର୍କର ଦୂରତ୍ୱକୁ ଲଙ୍ଘିସାରିଛି ।

ଏ ଦୁଇଟି ନିର୍ବାସନର କଥା ଏବେ ଶେଷ ଓ ନିଷ୍ପ୍ରଭ । କିନ୍ତୁ ନିର୍ବାସନର ଏବେ ଯେଉଁ ନୂଆ ପରିଭାଷା ମୁଣ୍ଡ ଟେକିଛି, ତା' ଉପରେ ଆଲୋକପାତ କରିବା । ଦେଶ ଛାଡ଼ି ବା ଦେଶାନ୍ତର ହୋଇ ନୂଆପିଢ଼ି ନିଜ ଜୀବନର ସୁନେଲି ସକାଳ ଦେଖିବାକୁ ଚେଷ୍ଟା କରୁଛି । ରୋଜଗାର ପାଇଁ କେବଳ ଯୁବପିଢ଼ି କାହିଁକି ମଧ୍ୟବୟସ୍କମାନେ ମଧ୍ୟ ଦୁବାଇ, ଆରବଦେଶକୁ ଯାଉଛି ବେଶି ପାଉଣା ପାଇବ ବୋଲି । କିନ୍ତୁ ଏହି ସ୍ୱନିର୍ବାସିତ ବ୍ୟକ୍ତିବିଶେଷ ଛାଡ଼ିଯାଉଛି ପରିବାର, ସାଥିସହଦୋର। ଏକ ରଗ୍‌ଣ ଭଗ୍ନ ପରିବାରର ଚିତ୍ର ଜଳଜଳ ଦେଖାଯାଉଛି । ବୃଦ୍ଧ ପିତାମାତା ସମେତ ପରିବାରଜନଙ୍କ ସାନିଧ୍ୟରୁ ବଞ୍ଚିତ ଜନମାନସର ପ୍ରତିକ୍ରିୟା ହୁଏତ ନାହିଁ । କିନ୍ତୁ ଦ୍ୱିତୀୟ ଶ୍ରେଣୀର ନାଗରିକ ହୋଇ ବଞ୍ଚିବା କ'ଣ ନିର୍ବାସିତର ବିଳାପ ନୁହେଁ?

ଅନେକ ସମୟରେ ଆମେ ବ୍ୟକ୍ତି ସ୍ୱାଧୀନତା ଆଳରେ ପରିବାରକୁ, ଦେଶକୁ ପରାଧିନତାର ବେଡ଼ି ବୋଲି ଭାବୁ । କିନ୍ତୁ, ଏହା ତ ସମ୍ପର୍କରେ ବନ୍ଧନ । ଆକଟ, ଅନୁଶାସନ ଏବଂ ଆଦେଶ ପରାମର୍ଶ ଇତ୍ୟାଦି ବ୍ୟକ୍ତିତ୍ୱର ବିକାଶ କରାଏ। ସ୍ୱାଧୀନ ଚିନ୍ତାଧାରା ରହୁ କିନ୍ତୁ ହିତାକାଙ୍କ୍ଷୀଙ୍କ ଚିନ୍ତାଧାରା ଅସହଜ ନ ଲାଗୁ। ବେଳେବେଳେ ସ୍ୱାଧୀନତା ଆଳରେ ଆମେ ପରାଧିନତାର ବେଡିରେ ଛନ୍ଦି ହୋଇଯାଉନାହାନ୍ତି କି? ନିଜ ଘରକୁ ନସଜାଡ଼ି ପର ଘର ସଜାଡ଼ିବାରେ ବ୍ୟସ୍ତ ଆଧୁନିକ ମଣିଷ ପୁରାତନ ସଂସ୍କୃତିକୁ ପରାଧିନତା ବୋଲି ଭାବିନିଏ । ମାତ୍ର ତାହାହିଁ ପ୍ରକୃତ ସ୍ୱାଧୀନତା । ଯଦି ବାପଘରୁ ଆସି ଶାଶୁଘରେ ପାଦ ଦେଇଥିବା ଝିଅଟିଏ ନିଜକୁ ନିର୍ବାସିତ ବୋଲି ଭାବେ, ତାହାହେଲେ ଭୁଲ୍ ହୋଇଯିବ ।

ନାରୀ ପୁରୁଷର ସମାନତା ଆଡକୁ ଯାଉଥିବା ସମାଜରେ ନାରୀ କେବେ ନା ମାତା ସୀତାଙ୍କ ପରି ନିର୍ବାସନ ଦଣ୍ଡ ଭୋଗୁଛି, ନା ପୁରୁଷ କେବେ ଶ୍ରୀରାମଙ୍କ ପରି ବନବାସ ଯାଉଛି । ବରଂ ବିବର୍ଜିତ ଦଶରଥମାନେ ନିଜ ଗୃହରେ ନିର୍ବାସନ ଦଣ୍ଡ ଭୋଗୁଛନ୍ତି । କହିବାର ଅର୍ଥ ହେଲା, ଏକାକିତ୍ୱକୁ ସାଥୀ କରି ନେଇଥିବା ବୟୋଜ୍ୟେଷ୍ଠ ମାନେ ବିଦେଶରେ ରହୁଥିବା ପିଲାମାନଙ୍କୁ ଝୁରି ହେଉଛନ୍ତି । ସେମାନଙ୍କ ସାହଚର୍ଯ୍ୟ ବିନା ହନ୍ତସନ୍ତ । ବେଳେବେଳେ ବ୍ୟସ୍ତବହୁଳ ଜୀବନ ବିତାଉଥିବା ନବପିଢ଼ି ପିତାମାତାଙ୍କୁ ଯେଉଁ ଜରାଶ୍ରମକୁ ନିର୍ବାସିତ କରି ଦେଉଛନ୍ତି, ତାହାହିଁ ଆହୁରି ଯନ୍ତ୍ରଣାଦାୟକ । ଏଇ ମାଟିରେ ଜନମ ଏଇ ମାଟିରେ ମରଣ କହି ମାଟିକୁ ଜାବୁଡ଼ି ଧରିଥିବା ବ୍ୟକ୍ତିମାନେ ହିଁ ନିର୍ବାସନରୁ ବଞ୍ଚିତ ।

ଏକାଗ୍ରତା ବିହୀନ ମନ ସତରେ ନିର୍ବାସନ ଦଣ୍ଡ ଭୋଗ କରେ । ଯେପରିକି ନିଜ କାମକୁ ନିଘା ନ କରି ପର କାମକୁ ଧ୍ୟାନ ଦେବା । ପର କାମରେ କ'ଣ ନିଜର ସ୍ୱାର୍ଥ ସାଧନ ହେବ! ପର ସ୍ତ୍ରୀ ସୁନ୍ଦରୀ କହି ନିଜ ସ୍ତ୍ରୀକୁ ଅସୁନ୍ଦରୀ ଭାବିବା ହିଁ ମନର ନିର୍ବାସନ । ଯାହା ହାତପାଆନ୍ତାରେ ଅଛି ତାକୁ ନ ତୋଳି ଆକାଶର ତାରା ତୋଳିବାର ଅପଚେଷ୍ଟା ନିଶ୍ଚେ ଘାତକସିଦ୍ଧ ହୁଏ । କାରଣ ମରୁନଦୀ ହିଁ ସତ୍ୟ ମରିଚୀକା ହିଁ ଅସତ୍ୟ ।

## ନିର୍ବାସିତ

ନିର୍ବାଚନ ଦ୍ୱାରା ଚୟନ କରାଯାଇଥିବା ବ୍ୟକ୍ତିବିଶେଷଙ୍କୁ ଆହ୍ୱାନ କରାଯାଏ, ବିତାଡ଼ିତ ନୁହେଁ । ନର୍ବାସିତର ଠିକ୍ ବିପରୀତ ଅର୍ଥବୋଧକ ଶବ୍ଦକୁ ନିର୍ବାଚିତ ବୋଲି ଗ୍ରହଣ କରିପାରିବା । ଯଦିଓ ଏହା ମୂଳ ଅର୍ଥର ଶତ ପ୍ରତିଶତ ପ୍ରମାଣ ଦିଏନାହିଁ, ତଥାପି ଏହା ପାଖାପାଖି । ଘୃଣା ବିପରୀତେ ଆଦର ପରି । ଏକ ସାମାଜିକ ଗଣତାନ୍ତ୍ରିକ ବିଧବ ବ୍ୟବସ୍ଥାରେ ନେତୃତ୍ୱ ପାଇଁ ନିର୍ବାଚନର ଆବଶ୍ୟକତା ପଡ଼େ । ସେ ଇଲେକସନ୍ ହେଉ ବା ସିଲେକ୍ସନ ହେଉ, ଲୋକମତ ବା ଜନମତ ହେଉ ବା କ୍ଷମତା ପ୍ରାର୍ଥୀ ବ୍ୟକ୍ତିବିଶେଷଙ୍କର ଚୟନ ଅଧିକାର ଏବଂ ମତ ହେଉ, ଯୋଗ୍ୟ ବ୍ୟକ୍ତିର ନିର୍ବାଚନ ହିଁ ମୂଳ ଲକ୍ଷ୍ୟ । ଏଥକୁ ଜନମତରେ ବହୁତମ ଆସେ ଏବଂ ବହୁମତ ପାଇଥିବା ବ୍ୟକ୍ତିବିଶେଷ ବା ବ୍ୟକ୍ତିମାନେ ହିଁ ଗାଦି ପାଇଥାଆନ୍ତି ।

କେବଳ ଏହି ଜନମତ ଶାସନ କଳ ପାଇଁ ପ୍ରଯୁଜ୍ୟ ନୁହେଁ । ବରଂ ଚଳଣିରେ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଏହାର ପ୍ରୟୋଗ ହୋଇଥାଏ । ଏପରିକି ମଠର ମହନ୍ତ ଗାଦି ପାଇଁ ହେଉ କି ସାହିତ୍ୟ ସଂସ୍କୃତି ପରିଚାଳନା କ୍ଷେତ୍ରରେ ହେଉ, ସବୁଠାରେ ବହୁମତର ଆବଶ୍ୟକତା ଥାଏ । ବେଶି ଲୋକ ଯାହାକୁ ଚୟନ କରନ୍ତି ସେ ହିଁ ନିର୍ବାଚିତ ବ୍ୟକ୍ତିତ୍ୱ । କହିବା ବାହୁଲ୍ୟ ଆଜିକାଲିର ଏହି ପ୍ରକ୍ରିୟା କଳୁଷିତ । ଶାମ, ଦାମ, ଦଣ୍ଡ ଓ ଭେଦ ପରି ଅରୁଚିକର ପ୍ରଭାବ ବିସ୍ତାରକାରୀ ଅସ୍ତ୍ରମାନ ପ୍ରୟୋଗ କରାଯାଇ ବିଭ୍ରାନ୍ତ କରାଯାଉଛି ଜନମତକୁ । ଫଳସ୍ୱରୂପ ପ୍ରକୃତ ଉତ୍ତରାଧିକାରୀ ବାଛିବାରେ ବିଫଳ ହେଉଛି ସମାଜ । ଏହା ପଛରେ ଆଶାୟୀ ପ୍ରାର୍ଥୀ ଯେତିକି ଦାୟୀ ନୁହଁନ୍ତି, ସାଧାରଣ ଜନତା, ଯେଉଁମାନେ ମତ ଦିଅନ୍ତି ସେମାନେ ଦାୟୀ । ପ୍ରଭାବିତ ହୋଇ ନିର୍ବାଚିତ କଲେ ତାହା ବିକାଶର ଲକ୍ଷ୍ୟ ପୂରଣ କରିପାରେ ନାହିଁ । ଏହା ଅତିସାଧାରଣ କଥା ଏବଂ ଆମେ ସମସ୍ତେ ବୁଝୁ ।

ତାହାଲେ କ'ଣ ଅବୁଝା ହୋଇ ଆମ୍ଭେ ମତଦାନ କରୁ । ଏହାର କାରଣ ପୂର୍ବ କାର୍ଯ୍ୟଶୈଳୀ ସହ ସମ୍ପର୍କିତା ଯେପରି ପୂର୍ବରୁ ଗାଦିରେ ବସିଥିବା ବ୍ୟକ୍ତିମାନେ ବାରମ୍ବାର ଯଦି ସୁଫଳ ଦେଇନଥାନ୍ତି, 'ଲଙ୍କାକୁ ଯେ ଯିବ ସେ ଅସୁର' ଭାବି ବର୍ତ୍ତମାନ ଯାହା ମିଳୁଛି ତାହା ହିଁ ଗ୍ରହଣ କରିନେବା ଯଥେଷ୍ଟ ବୋଲି ଜନତା ଭାବିନିଏ । ଏଥକୁ ନିର୍ବାଚିତ ପ୍ରତିନିଧିର ଦ୍ୱିବିଧା ବି ରହିଛି । ନିର୍ବାଚିତ ହେବା ପରେ ଜନତାଙ୍କ ଆଶା ଏତେ ବଢ଼ିଯାଏ ଯେ, ତାହା ସ୍ୱଳ୍ପ କାଳରେ ପୂରଣ କରିବା ସମ୍ଭବ ନୁହେଁ । ପୁଣି ପ୍ରତ୍ୟହ ମତେ ଦେଇଥିବା ଅଧିକାରକୁ ମନେପକାଇ ଦେଇ ସାହାଯ୍ୟ ମାଗିବା ବି ସମୀଚୀନ ନୁହେଁ । 'ହାତରୁ ଖାଇ ଗଣ୍ଡିଲି ବୋହିବା' ପରି ଅବସ୍ଥା ଆସେ ନିର୍ବାଚିତ ମଣିଷର ।

ସାମୂହିକ ସାମାଜିକ ବିଧି ବ୍ୟବସ୍ଥାରେ ନେତୃତ୍ୱ ନେବାର ପ୍ରକ୍ରିୟା ଅବସମ୍ଭାବୀ । କାରଣ ଏକ ଆଦେଶ, ଏକ ଉପଦେଶ, ଏକ ମାର୍ଗଦର୍ଶନ ଓ ଏକ ଅଗ୍ରଗାମୀ ବକ୍ତବ୍ୟର ବ୍ୟକ୍ତି ସର୍ବାଗ୍ରେ ସରକାର । ସ୍କୁଲ ଜୀବନ ମନେ ପକେଇଲେ ଏକଥା ଜଳଜଳ ଦିଶେ । ସମସ୍ତଙ୍କ କାମ କାହାର କାମ ନୁହେଁ ବୋଲି ଯେଉଁ ପ୍ରବାଦ ଅଛି, ତାହାର ସଂଶୋଧନ ପାଇଁ ନେତୃତ୍ୱର ଦରକାର । ଶ୍ରେଣୀ ମୁଖ୍ୟ ବା ମନିଟର ହେବା ଅର୍ଥ ଅନ୍ୟମାନଙ୍କୁ ନେତୃତ୍ୱ ଯୋଗାଇଦେବ । ସେ ନେତୃତ୍ୱ ପରିମଳ ପାଇଁ ହେଉ, ପରିଚ୍ଛନ୍ନତା ପାଇଁ ହେଉ ଅଥବା ଶାକ୍ତିଶୃଙ୍ଖଳା ପାଇଁ ହେଉ । କ୍ରୀଡ଼ାରେ କ୍ୟାପ୍ଟେନ୍, ବୃନ୍ଦଗାନରେ ପ୍ରମୁଖ ଗାୟକ ବା ଗାୟିକା, ନାଟକରେ ନିର୍ଦ୍ଦେଶକ, ଏପରିକି ପଙ୍କ୍ତିଭୋଜନ ପାଇଁ ମୁଖ୍ୟ ରାନ୍ଧୁଣିଆକୁ ନିୟୋଜିତ ନ କଲେ ସବୁ ଫସର ଫାଟିଯିବ ।

କିଏ ନିର୍ବାଚିତ ହୁଅନ୍ତି? ନିଶ୍ଚିତ ଭାବେ ସେହି ସ୍ୱତନ୍ତ୍ର ବିଷୟରେ ବେଶି ଦକ୍ଷ ବ୍ୟକ୍ତିଟି ନିର୍ବାଚିତ ହୁଏ । ଯଦି ବୁଝି ପରଖି ଆମେ ନିର୍ବାଚିତ କଲେ ତା'ହେଲେ ସେ ପୁଣି କୋଉ କାମକୁ ନୁହେଁ କହିବା କେମିତି । ଏହାର ଅର୍ଥ ସେ ସିନା ଠିକ୍, ତା' ପାଖଲୋକ ଦ୍ୱାରା ନିଶ୍ଚେ ପ୍ରଭାବିତ । ଯେଉଁ ପରାମର୍ଶଦାତା, ସହକର୍ମୀ ଦକ୍ଷ ହୋଇନଥାନ୍ତି, ସେମାନଙ୍କ ଦ୍ୱାରା ନେତୃତ୍ୱ ପ୍ରଭାବିତ ହୋଇଥାଏ । ଏହା ହୁଏତ ଏକ ମୁଖ୍ୟ ଗୁଣ ହେବା ଆବଶ୍ୟକ ନେତାର, ଯେ, ସେ କାହାଦ୍ୱାରା ସହଜରେ ପ୍ରଭାବିତ ହେବନାହିଁ । କାରଣ ଚାଟୁକାରିତା ଓ ଛଳନାକୁ ଯଦି ବାଛି ନ ପାରିବ ତାହାହେଲେ ତା'ର ଲକ୍ଷ୍ୟ ଲକ୍ଷ୍ୟଭ୍ରଷ୍ଟ ହେବା ଥୟ ।

ଅନେକ ସମୟରେ ଯତ୍ନରେ ବଢ଼ାଇଥିବା ଫୁଲ ସବୁକୁ ମାଳି ସୁରକ୍ଷା ଦେଇପାରେ ନାହିଁ । ହୁଏତ ଛେଳି ମାଙ୍କଡ଼ଙ୍କ ଦାଉରୁ ରକ୍ଷା କରିପାରେ ନାହିଁ । ଏଠାରେ ନେତୃତ୍ୱ ଠିକ୍ ଭାବେ ସଫଳ ହେଲାନାହିଁ । ଯଦି ମାଳିଟି ନିଜର ପୋଷାକୁକୁରକୁ ଏଥିଲାଗି ନିୟୋଜିତ କରିପାରିଥାଆନ୍ତି, ତାହାହେଲେ ଜଗୁଆଳି ଦାୟିତ୍ୱଟି ଠିକ୍ ଭାବେ ରେ ଆପେ ଆପେ କାର୍ଯ୍ୟକାରୀ ହେଉଥାଆନ୍ତା । ନିର୍ବାଚିତର ବିଳାପ ବହୁତ ବେଶି ହୋଇପାରେ । କାରଣ ଅନେକ ଜନସମୂହର ସାମୂହିକ ସାର୍ଥ ସାଧନ ଠାରୁ ବ୍ୟକ୍ତିଗତ ସ୍ୱାର୍ଥସାଧନକୁ ନିଘା ଦେବାକୁହୁଏ । ଏଣୁ ସିଂହାସନ ଉପରେ ଏପରି ଦାୟିତ୍ୱର ଖଡ୍ଗ ସର୍ବଦା ଝୁଲୁଥାଏ । ଦାୟିତ୍ୱ ନିର୍ବାହ ପାଇଁ ସମୟ ବି ଅକୁଳାଣ ହୋଇପଡ଼େ ।

କୈନ୍ଦ୍ରୀକ ଠାରୁ ବିକେନ୍ଦ୍ରୀକରଣର ପନ୍ଥା ଅନେକ ଭଲ । ଆତ୍ମକୈନ୍ଦ୍ରୀକ ସ୍ୱାର୍ଥ ଠାରୁ ସାମୂହିକ ସ୍ୱାର୍ଥ ମଧ୍ୟ ମହତ୍ତ୍ୱ ପୂର୍ବ । କେବଳ ନିର୍ବାଚିତ ନେତୃତ୍ୱ ଏକ ସମ୍ମାନଜନକ ଗାଦି ନୁହଁ ବରଂ ସମାଜ ସେବାର ସୁଯୋଗ । ସେହି ନିର୍ବାଚିତ ବ୍ୟକ୍ତି ସଫଳ ଯିଏ ବ୍ୟକ୍ତି ସ୍ୱାର୍ଥରୁ ନିର୍ବାସିତ ଏବଂ ଜନସ୍ୱାର୍ଥରେ ନିୟୋଜିତ ।

*ଅନନ୍ତବିହାର, ଫେଜ୍-୨,*
*ପୋଖରୀପୁଟ, ଭୁବନେଶ୍ୱର*
*ମୋ. ୯୩୪୮୮୯୩୭୫୨*

# ଯାଜପୁର ସଂସଦୀୟ କ୍ଷେତ୍ର ସଂରକ୍ଷଣ ମୁକ୍ତ ହେଉ



ନିର୍ମଳ ଚନ୍ଦ୍ର ସାମଲ


ସଂରକ୍ଷଣ ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ବିଧାନସଭା ଓ ଲୋକସଭା ନିର୍ବାଚନ ମଣ୍ଡଳୀର ସଂରକ୍ଷଣ ଦଶବର୍ଷ ପାଇଁ ବଳବତ୍ତର ରଖିବା ପାଇଁ ନିଷ୍ପତ୍ତି ହୋଇଥିଲେ ହେଁ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଦୀର୍ଘବର୍ଷ ଧରି ଏହାର ପରିବର୍ତ୍ତନ ନହେବା ପରିତାପର ବିଷୟ ।

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଏହା ପ୍ରାୟତଃ ପ୍ରତି ଦଶବର୍ଷରେ ପରିବର୍ତ୍ତନ ହେଉଛି ଯଦ୍ୱାରା ସାଧାରଣ ବର୍ଗ, ଏସ୍.ସି, ଏସ୍.ଟି, ପଛୁଆ ବର୍ଗର ପୁରୁଷ ଓ ମହିଳା ମାନେ ପର୍ଯ୍ୟାୟ କ୍ରମେ ନିର୍ବାଚନରେ ଭାଗ ନେବାର ସୁବିଧା, ସୁଯୋଗ ପାଉଛନ୍ତି । ମାତ୍ର ଲୋକସଭା ଓ ବିଧାନସଭା କ୍ଷେତ୍ରପାଇଁ ଏହି ସଂରକ୍ଷଣ ବ୍ୟବସ୍ଥାର ଦୀର୍ଘବର୍ଷ ଧରି ଅପରିବର୍ତ୍ତିତ ରହିବା ଫଳରେ ବିଭିନ୍ନ ରାଜନୈତିକ ଦଳର ଆଶାୟୀ ଯୋଗ୍ୟ ନାଗରିକ ମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାର ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି । ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକର ଦେଶର ସବୁବର୍ଗର ନାଗରିକଙ୍କୁ ସମାନ ରାଜନୈତିକ ଅଧିକାର ସୁଯୋଗର ସୁବନ୍ଦୋବସ୍ତ କରିଥିବା ବେଳେ କେତେକ ନ୍ୟସ୍ତସ୍ୱାର୍ଥ ରାଜନେତା ଉଦ୍ଦେଶ୍ୟମୂଳକ ଭାବେ ଏ ବିଧି ବ୍ୟବସ୍ଥାର ଉଲ୍ଲଂଘନ କରି ସଠିକ୍ ସମୟରେ ସଂରକ୍ଷଣ ପ୍ରକ୍ରିୟା ପରିବର୍ତ୍ତନର ପ୍ରୟାସ ନକରିବା ଜନ ସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସଂରକ୍ଷଣ ହଟାଇ ଦେଲେ କାଳେ ହାତରୁ ଆସନ ଖସିଯିବ ଏ ଭୟରେ ବିଶେଷତଃ ସରକାରୀ ରାଜନୈତିକ ଦଳମାନେ ସାହସ କରି ପାରୁନାହାନ୍ତି । ଫଳତଃ ଦୀର୍ଘବର୍ଷ ଧରି ଅନ୍ୟ ରାଜନୈତିକ ଦଳର ପାର୍ଥୀଙ୍କୁ ପ୍ରତିନିଧି କରିବାର ସୁଯୋଗ ମିଳୁନି ।

ଉଦାହରଣ ସ୍ୱରୂପ ଯାଜପୁର ଜିଲ୍ଲାର ବିଞ୍ଝାରପୁର ବିଧାନସଭା ମଣ୍ଡଳୀ ୧୯୬୭ ମସିହାରୁ ଅଦ୍ୟାବଧି ଦୀର୍ଘ ୬୦ ବର୍ଷ ଧରି ଅନୁସୂଚିତ ବର୍ଗଙ୍କ ପାଇଁ ସଂରକ୍ଷିତ ହୋଇ ରହିଛି । ଇତି ପୂର୍ବରୁ ଏହା ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଏହା ଜିଲ୍ଲାର ଜନସାଧାରଣ, ରାଜନେତା, ବୁଦ୍ଧିଜୀବୀମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏପରି ଏକ ସମ୍ବେଦନଶୀଳ ପରିସ୍ଥିତିରେ ଜିଲ୍ଲାର ବହୁ ସମାଜସେବୀ ତଥା ବୁଦ୍ଧିଜୀବୀ ଯାଜପୁର ଲୋକସଭା ଓ ବିଞ୍ଝାରପୁର ବିଧାନସଭା ଆସନକୁ ସଂରକ୍ଷଣ ମୁକ୍ତ କରିବା ପାଇଁ କେନ୍ଦ୍ରୀୟ ନିରୀକ୍ଷଣ ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମାଧାନ ଦିଗରେ ବିହିତ ପଦକ୍ଷେପ ନିଆ ନଯାଇ ଜାଣିଶୁଣି ଚାପି ଦିଆଯାଇଛି । ନିକଟରେ ମାନ୍ୟବର ରାଜସ୍ୱ ମନ୍ତ୍ରୀ ଜିଲ୍ଲାସ୍ତରୀୟ କମିଟି ଗଠନକରି ରାଜ୍ୟର ଜିଲ୍ଲା, ଉପଖଣ୍ଡ, ବ୍ଲକ, ତହସିଲ, ପଞ୍ଚାୟତ, ଗ୍ରାମ ସୀମା ପୁନଃ ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଯାଜପୁର ଲୋକସଭା ଓ ବିଞ୍ଝାରପୁର ବିଧାନସଭା ନିର୍ବାଚନ ମଣ୍ଡଳୀକୁ ସଂରକ୍ଷଣ ମୁକ୍ତ କରାଯିବାର ତୁରନ୍ତ ପଦକ୍ଷେପ ନିଆ ନଗଲେ ଜିଲ୍ଲା ଲୋକଙ୍କ ଦୀର୍ଘ ଦିନର ଚାପା ଅସନ୍ତୋଷ ବିରାଟ ଜନ ଆନ୍ଦୋଳନର ରୂପ ନେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏ ଅସଙ୍ଗତ ସମସ୍ୟା ସମାଧାନର ତୁରନ୍ତ ବିହିତ ପଦକ୍ଷେପ ନେବା ପାଇଁ ଯାଜପୁର ଜନ ସାଧାରଣ ଦାବି କରୁଛନ୍ତି ।

*ଯାଜପୁର*
*ମୋ. ୯୪୩୮୭୦୫୫୭୦*

# ଭାରତରେ ବିଶ୍ୱ ସମବାୟ ସମ୍ମିଳନୀ-୨୦୨୫



ପ୍ରତାପ ଚନ୍ଦ୍ର ସାମଲ

ଭାରତର ନୂଆଦିଲ୍ଲୀ ଠାରେ ବିଶ୍ୱ ସମବାୟ ସମ୍ମିଳନୀ ୨୦୨୪ ଗତ ନଭେମ୍ବର ମାସ ୨୫ ତାରିଖରେ ଆରମ୍ଭ କରାଯାଇ ନଭେମ୍ବର ୩୦ ତାରିଖରେ ଶେଷ ହୋଇଛି । ଏହାକୁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଥିଲେ । ସମବାୟ ଆନ୍ଦୋଳନ ବିଶ୍ୱ ସ୍ତରରେ ଆକର୍ଷଣ ଲାଭ କରିଛି । ଏଥିରେ ଭାରତୀୟ ସମବାୟ ସମିତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ୨୦୨୫କୁ ପୃଥିବୀର ଆନ୍ତର୍ଜାତୀୟ ସମବାୟ ବର୍ଷ ଭାବେ ଘୋଷଣା କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଜୁଲାଇ ୬ ତାରିଖ ୨୦୨୪ ମସିହାରେ ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟରେ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭିକ ଆଲୋଚନା କରାଯାଇ ଆଜି ତାହା ଭାରତର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି । ଏହା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ । ଇଫ୍‌କୋ ଏବଂ ଏନ୍‌ସିୟୁଆଇର ସଭାପତି ଦିଲ୍ଲିପ ସାଂଘାନୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନ୍ୟୁୟର୍କସ୍ଥିତ ଜାତିସଂଘ କାର୍ଯ୍ୟାଳୟରେ ଯୋଗଦେଇ ଭାରତରେ ଆଇସିଏ ବିଶ୍ୱ ସମବାୟ ସମ୍ମିଳନୀ ୨୦୨୪ ଆୟୋଜନ କରାଯିବା ପାଇଁ ଯେଉଁ ପ୍ରସ୍ତାବ ଦେଇଥିଲେ ତାହା ଆଜି ସଫଳ ହୋଇପାରିଛି । ଉକ୍ତ ସମ୍ମିଳନୀରେ ଭାରତ ସମେତ ପୃଥିବୀର ପ୍ରାୟ ୧୦୦ଟି ଦେଶର ସମବାୟ ପ୍ରତିନିଧିମାନେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଥିବାରୁ ଏହି ସମ୍ମିଳନୀରେ ସେମାନେ ଯୋଗଦାନ କରି ଭାରତର ଉଦ୍ୟମକୁ ପ୍ରଶଂସାରେ ପୋତି ପକାଇଛନ୍ତି । ସମବାୟ ଆନ୍ଦୋଳନର ୧୩୦ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଭାରତ ପକ୍ଷରୁ ଆଇସିଏ ଗ୍ଲୋବାଲ ସମ୍ମିଳନୀ ଆୟୋଜନ କରାଯାଇଥିଲା ।

ନୂଆଦିଲ୍ଲୀରେ ଅନୁଷ୍ଠିତ ଏହି ବିଶ୍ୱ ସମବାୟ ସମ୍ମିଳନୀରେ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ ଭାରତର ଜଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ସମ୍ମିଳନୀ ସମବାୟ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରିବା ଦିଗରେ ପଥ ପ୍ରଶସ୍ତ କରିବ ଏବଂ ନୂତନ ନିଯୁକ୍ତି ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଅର୍ଥନୈତିକ ବିକାଶରେ ସହାୟକ ହେବ । ଏହି ଆନ୍ତର୍ଜାତିକ ସମବାୟ ସମ୍ମିଳନୀରେ ଯୋଗଦେଇଥିଲେ ବିଶ୍ୱନେତା, ଜାତିସଂଘ ପ୍ରତିନିଧି, ନୀତି ନିର୍ଦ୍ଧାରକ ଏବଂ ସମବାୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତିମାନେ । ଏହି ସମ୍ମିଳନୀର ଆୟୋଜକ ଶ୍ରୀ ସାଂଘାନି କହିଛନ୍ତି ଯେ, ସାଂପ୍ରତିକ ଓ ଭବିଷ୍ୟତ ଯୋଜନାର ପ୍ରଚାର ପ୍ରସାର, ଜଗତୀକରଣ ଓ ବିକାଶ ଅଭିଯାନ ସହିତ ସହଯୋଗ, ପ୍ରଶିକ୍ଷଣ ବିଭିନ୍ନ ପଦକ୍ଷେପର କାର୍ଯ୍ୟକାରିତା, ଜନସଚେତନତା ସେମିନାର ଇତ୍ୟାଦି ପାଇଁ ଅନେକ ଦେଶରେ ଜାତୀୟ ସ୍ତରରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଉକ୍ତ ସମ୍ମିଳନୀଟି ଭାରତୀୟ ସମବାୟ କ୍ଷେତ୍ରପାଇଁ ଏହା ଗର୍ବର ବିଷୟ ଯାହା କେନ୍ଦ୍ରରେ ସମବାୟ ମନ୍ତ୍ରଣାଳୟ ଗଠନ ହେବାର ପାଞ୍ଚବର୍ଷ ମଧ୍ୟରେ ଭାରତ ବିଶ୍ୱ ସମବାୟ ସମ୍ମିଳନୀ ଆୟୋଜନ କରିବା ପାଇଁ ମନୋନୀତ ହୋଇପାରିଥିଲା । ମିଳିତ ଜାତିସଂଘରେ ଭାରତର ସ୍ଥାୟୀ ମିଶନର ମୁଖ୍ୟ ଆର. ରବିନ୍ଦ୍ର ଭାରତୀୟ ସମବାୟ ଆନ୍ଦୋଳନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ ଯାହାର ମିଳିତ ସଦସ୍ୟତା ଆଜି ୩୦୦ ନିୟୁତରେ ପହଞ୍ଚିଛି । ଶ୍ରୀ ରବିନ୍ଦ୍ର ଆହୁରି ମଧ୍ୟ କହିଥିଲେ ଯେ, ଦ୍ୱିତୀୟ ଆନ୍ତର୍ଜାତୀୟ ସମବାୟ ବର୍ଷ ଅବସରରେ ନୂଆଦିଲ୍ଲୀରେ ଆନ୍ତର୍ଜାତିକ ସମବାୟ ସମ୍ମିଳନୀ ଆୟୋଜନ କରିବାର ସୁଯୋଗ ପାଇ ଭାରତ ସରକାର ଅତ୍ୟନ୍ତ ଆନନ୍ଦିତ ଓ ଆମେ ଆଶା କରୁଛୁ ଯେ ଏହି ସମ୍ମିଳନୀ ଆମକୁ ସର୍ବୋତ୍ତମ ଅଭ୍ୟାସ ଗ୍ରହଣ, ସହଯୋଗର ନୂତନ କ୍ଷେତ୍ରର ଅନୁସନ୍ଧାନ କରିବା ଏବଂ ପରସ୍ପର ଠାରୁ ଜ୍ଞାନ ହାସଲ କରିବାରେ ସକ୍ଷମ କରିବ । ସମବାୟ ସମସ୍ତଙ୍କ ଉନ୍ନତ ଭବିଷ୍ୟତ ନିର୍ମାଣ କରୁଛି ଶୀର୍ଷକରେ ଅନ୍ତର୍ଜାତୀୟ ସମବାୟ ଦିବସ ଗତ ଜୁଲାଇ ମାସ ୬ ତାରିଖରେ ସମଗ୍ର ବିଶ୍ୱର ସମବାୟ ସଂଗଠନ ଗୁଡ଼ିକ ଦ୍ୱାରା ସମବାୟର ଲାଭ ଏବଂ ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପାଳନ କରାଯାଇଥିଲା ।

କେନିଆର ସ୍ଥାୟୀ ମିଶନ ସହ ମିଳିତ ଜାତିସଂଘ ପ୍ରୋତ୍ସାହନ ଓ ଅଗ୍ରଗତି ସମିତି ମିଳିତ ଜାତିସଂଘର ଉଚ୍ଚ ସ୍ତରୀୟ ରାଜନୈତିକ ଫୋରମରେ ସପ୍ଟ ଇଞ୍ଜ କାର୍ଯ୍ୟକ୍ରମର ଆୟୋଜନ କରିଥିଲା । ଜାତିସଂଘରେ କେନିଆର ଡେପୁଟୀ ସ୍ଥାୟୀ ପ୍ରତିନିଧି ଶ୍ରୀମତୀ ନଜାମ୍ବୀ କିୟୁଙ୍ଗିଙ୍କୁ ନୟାମବୋର୍ଜ ସୂଚନା ଦେଇଥିଲେ ଯେ କେନିଆର ଜିଡିପିର ୨୩ ପ୍ରତିଶତ ଅର୍ଥ ସମବାୟ କ୍ଷେତ୍ରରୁ ଆସେ । ଅର୍ଥନୈତିକ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ଏବଂ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ କେନିଆ ପ୍ରତ୍ୟେକ ସ୍ତରରେ ସମବାୟକୁ ଅର୍ଥନୈତିକ, ପରିବର୍ତ୍ତନକାରୀ ଏଜେଣ୍ଡା ଢାଞ୍ଚାରେ ଏକ ପ୍ରମୁଖ ସ୍ତମ୍ଭ ଭାବରେ ରଖିଛି । ଅନ୍ତର୍ଜାତୀୟ ସମବାୟ ବର୍ଷ ସ୍ଲୋଗାନ ସମବାୟ ଏକ ଉନ୍ନତ ବିଶ୍ୱ ଗଠନ ପାଇଁ ଚର୍ଚ୍ଚିତ । ସମବାୟ ସଂସ୍ଥାରେ ଅଂଶୀଦାରମାନେ ନିଷ୍ପତ୍ତି ନେବା, ଗଣତାନ୍ତ୍ରିକ ସଦସ୍ୟ ନିୟନ୍ତ୍ରଣ, ସମାନତା, ଏକତା, ସହଯୋଗ ଏବଂ ସାମୁହିକ ଚିନ୍ତା ହେଉଛି ଅତ୍ୟାବଶ୍ୟକ ଧାରଣା ଯାହା ସମବାୟକୁ ପ୍ରୋତ୍ସାହିତ କରେ ଏବଂ ସମବାୟ ବିଶ୍ୱର ଉନ୍ନତି ପାଇଁ ଯୋଗଦାନ କରିବାକୁ ସକ୍ଷମ କରେ । ବର୍ତ୍ତମାନର ସଂକଟର ମୁକାବିଲା କରିବାରେ ବିଶ୍ୱକୁ ସାହାଯ୍ୟ କରିବା ପାଇଁ ଏହି ମୌଳିକ ନୀତିଗୁଡ଼ିକୁ ଅଧିକ ବ୍ୟାପକ ଭାବରେ ପ୍ରସାରିତ କରିବା ଉଚିତ । ଉକ୍ତ ବୈଠକରେ ଆଇସିଏ ମହାନିର୍ଦ୍ଦେଶକ ଜେରୋଏନ ଡଗ୍ଲାସ ଯୋଗଦେଇ ବିଭିନ୍ନ ଦେଶ ଏ ସଂଗଠନ ସହିତ ଯୋଡ଼ିହେଲେ ବିଶ୍ୱର ମଙ୍ଗଳ ହେବା ସଙ୍ଗେ ସଙ୍ଗେ ଆନ୍ତର୍ଜାତିକ ବୁଝାମଣାରେ ଏହା ସାହାଯ୍ୟ କରିବ ବୋଲି କହିଥିଲେ ।

ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତୀୟ ସମବାୟ କ୍ଷେତ୍ରରେ କରାଯାଇଥିବା ପ୍ରୟାସ ଏବଂ କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ଭାରତ ହେବ ବିକଶିତ । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଭାରତୀୟ ପ୍ରତିନିଧି ଦଳର ଉପସ୍ଥିତି ସମବାୟ ଆନ୍ଦୋଳନକୁ ଜାତୀୟ ଏବଂ ବିଶ୍ୱସ୍ତରୀୟ ସ୍ତରରେ ଆଗେଇ ନେବାପାଇଁ ଭାରତୀୟ ପ୍ରତିବଦ୍ଧତାକୁ ଦର୍ଶାଇଥିଲା ଏବଂ ବିଶ୍ୱସ୍ତରରେ ସମବାୟ ପାଇଁ ଅଧିକ ସହଯୋଗ ଓ ସମର୍ଥନକୁ ସମର୍ଥନ କରିବା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ବିଶ୍ୱ ସମବାୟ ନେତାମାନଙ୍କୁ ଜଣାଇଦେଇଛି ।

୧୮୯୮ ମସିହାରେ ଓଡ଼ିଆ ପୁଅ ମଧୁସୂଦନ ଦାସ ବିଭିନ୍ନ ୟୁରୋପୀୟ ଦେଶ ଭ୍ରମଣ କରି ସେଠାରେ ସମବାୟ ବିଷୟରେ ଯେଉଁ ଜ୍ଞାନ ଆହୋରଣ କରିଥିଲେ ତାହାକୁ ଫଳପ୍ରଦ କରିବାକୁ ଭାରତରେ ସମବାୟର ମୂଳଦୁଆ ପକାଇଥିଲେ । ମହାତ୍ମାଗାନ୍ଧୀଙ୍କ ଭାରତଛାଡ଼ ଆନ୍ଦୋଳନକୁ ମଧୁସୂଦନଙ୍କ ସମବାୟ ସମିତି ଗଠନ ଖୋରାକ ଯୋଗାଇଥିଲା । ସମବାୟ ମାଧ୍ୟମରେ ଲୋକମାନଙ୍କୁ ଏକତ୍ରୀକରଣ କରିବା ଦ୍ୱାରା ଭାତୃଭାବର ବିସ୍ତାର ହେବା ସହିତ ପରସ୍ପର ମଧ୍ୟରେ ବିଶ୍ୱାସ ଓ ସ୍ନେହ ଶ୍ରଦ୍ଧା ବୃଦ୍ଧିପାଇଥିଲା । ଇଂରେଜ ସରକାର ବୁଝିଗଲେ ମଧୁସୂଦନଙ୍କ ସମବାୟ ମାଧ୍ୟମରେ ଭାରତୀୟମାନଙ୍କ ଏକତ୍ରୀକରଣ କରିବା ଦ୍ୱାରା ସେମାନେ ଇଂରେଜ ସରକାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସୁଯୋଗ ପାଉଛନ୍ତି । ଭାରତରେ ଗଢ଼ିଉଠିଥିବା ସମବାୟ ସମିତିଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ତରବରିଆ ଭାବେ ପ୍ରଥମ କରି ସମବାୟ ସମିତି ଆଇନ ୧୯୦୪ ପ୍ରଣୟନ କଲେ ସ୍ୱାଧୀନତା ସଂଗ୍ରାମକୁ ଭଣ୍ଡୁର କରିବା ପାଇଁ । ମାତ୍ର ମଧୁସୂଦନଙ୍କ ପ୍ରଖର ବୁଦ୍ଧି ଦ୍ୱାରା ମହାତ୍ମା ଗାନ୍ଧୀ ଭାରତ ମୁକ୍ତି ଆନ୍ଦୋଳନକୁ ଆଗେଇ ନେଇଥିଲେ। ମଧୁସୂଦନଙ୍କ ଚିନ୍ତାଧାରାକୁ ମହାତ୍ମା ଗାନ୍ଧୀ କାର୍ଯ୍ୟକାରୀ କରିବା ଦ୍ୱାରା ଶେଷରେ ଭାରତ ସ୍ୱାଧୀନତା ଲାଭ କଲା । ଦୀର୍ଘଦିନ ପରେ ମଧୁସୂଦନଙ୍କ ଚିନ୍ତାଧାରାକୁ ସମ୍ମାନ ଦେଇ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ଓ ସମବାୟ ମନ୍ତ୍ରୀ ଅମିତ ଶାହ ସମବାୟକୁ ସହଯୋଗିତା ମାଧ୍ୟମରେ ସମଗ୍ର ପୃଥିବୀରେ ଭ୍ରାତୃତ୍ୱ ବୃଦ୍ଧି, ସ୍ନେହ ଓ ଶ୍ରଦ୍ଧା ମାଧ୍ୟମରେ ପରସ୍ପର ମଧ୍ୟରେ ବିଶ୍ୱାସଭାଜନ ବୃଦ୍ଧି କରି ସମବାୟ ମାଧ୍ୟମରେ ପୃଥିବୀକୁ ଏକ ବିକଶିତ ପଥରେ ଆଗେଇ ନେଇପାରିଲେ ମଧୁସୂଦନଙ୍କ ସ୍ୱପ୍ନ ସାକାର ହେବ ଓ ଓଡ଼ିଶା ସମବାୟ କ୍ଷେତ୍ରରେ ସମଗ୍ର ବିଶ୍ୱର ଦିଗ୍‌ଦର୍ଶକ ହୋଇପାରିବ । ଏହାହିଁ ଭାରତରେ ଅନୁଷ୍ଠିତ ଆନ୍ତର୍ଜାତୀୟ ସମବାୟ ସମ୍ମିଳନୀର ମୁଖ୍ୟ ଆକର୍ଷଣ ।

କେନ୍ଦ୍ର ସମବାୟ ଓ ଗୃହମନ୍ତ୍ରୀ ଅମିତ ଶାହ ଭାଇବ୍ରେ ଭିଲେଜ୍ ପ୍ରୋଗ୍ରାମ୍ ଅଧୀନରେ ସୀମାନ୍ତ ଗ୍ରାମଗୁଡ଼ିକର ସମସ୍ୟାକୁ ଠିକ୍ ଭାବରେ ବୁଝିବା ପାଇଁ ପ୍ରୟାସ ଜାରି ରଖିବାକୁ ବରିଷ୍ଠ ମନ୍ତ୍ରୀ ଏବଂ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଚାରଧୀନ ସମସ୍ୟାର ସମାଧାନ ପାଇଁ ନିୟମିତ ଉଚ୍ଚସ୍ତରୀୟ ସମୀକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କରି ଶ୍ରୀ ଶାହ କହିଛନ୍ତି ଯେ, ଏହି ଭାଇବ୍ରେ ଭିଲେଜ୍ ଗୁଡ଼ିକରେ ଉତ୍କର୍ଷତା ଆଣିବା ଏବଂ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ପର୍ଯ୍ୟଟନ ସର୍କିଟ୍‌ର ବିକାଶ ପାଇଁ ପ୍ରୟାସ ଜାରି ରହିଛି । ଏଥିରେ ପର୍ଯ୍ୟଟନ ମନ୍ତ୍ରଣାଳୟ ସହଯୋଗରେ ଦକ୍ଷତା ବୃଦ୍ଧି ଏବଂ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଅନ୍ତର୍ଭୁକ୍ତ । ସ୍ଥାନୀୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହ ଜୀବିକା ସୁଯୋଗ ଯଥା ଆର୍ଥିକ ଅନ୍ତର୍ଭୁକ୍ତିକରଣ, ଦକ୍ଷତା ବିକାଶ, ଉଦ୍ୟୋଗ କୃଷି ଓ ଉଦ୍ୟାନ କୃଷି ମାଧ୍ୟମରେ ଔଷଧୀୟ ଜଡ଼ିବୁଟି ଚାଷ ଇତ୍ୟାଦିର ପରିଚାଳନା ପାଇଁ ସ୍ଥାନୀୟ ସ୍ତରରେ ସମବାୟ ସମିତି ପ୍ରତିଷ୍ଠା କରାଯାଇଛି ।

ଓଡ଼ିଶାବାସୀଙ୍କର ଦୀର୍ଘଦିନର ଦାବି ଯାହାକି ମଧୁସୂଦନଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ଉପାଧୀ ପ୍ରଦାନ କରିବାକୁ କେନ୍ଦ୍ର ସରକାର ବିଚାର କରିବା ଉଚିତ୍ । ଏହା ହେବ ଓଡ଼ିଶାର ଗର୍ବ, ଗୌରବ ଓ ଓଡ଼ିଆ ଅସ୍ମିତାକୁ ସମ୍ମାନ ।

*ବରିଷ୍ଠ ସମବାୟବିତ୍*
*ମୋ.: ୯୦୯୦୩୨୫୮୦୨*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ





ଜନ୍ମ ପରେ ଶିଶୁ ମସ୍ତିଷ୍କର କ୍ରମୋନ୍ନତି ପ୍ରାୟ ତିନିଚାରି ସପ୍ତାହରେ ଜଣାପଡ଼ିଥାଏ । ଶିଶୁ ସାତ ଆଠ ମାସର ହେବାବେଳକୁ ଯଦି ତା'ର କ୍ରମୋନ୍ନତି ନହୁଏ ତା'ହେଲେ ଏହା ସ୍ପଷ୍ଟ ଭାବରେ ଜଣାପଡ଼ିଯାଏ । ମସ୍ତିଷ୍କର ବିକାଶ ନହେଲେ ଶିଶୁଟି ମୁଣ୍ଡ ନ ଉଠାଇ ଅସ୍ୱାଭାବିକ ଭାବରେ କାନ୍ଦିଥାଏ । କେତେକ ମାନସିକ ଅନଗ୍ରସର ଶିଶୁଙ୍କ ମୁହଁ ଦେଖିବାକୁ ତିବ୍ବତିଆନ୍ ବା ମଙ୍ଗୋଲିଆନ୍‌ଙ୍କ ପରି ହୋଇଥାଏ । ଏପରି ଶିଶୁଙ୍କର ମସ୍ତିଷ୍କର କ୍ରମୋନ୍ନତି ଅତି କମ୍ ହୋଇଥାଏ । ଏହି ପିଲାମାନେ ଏକ ବର୍ଷରେ ବସିଥାନ୍ତି, ଦୁଇ ବର୍ଷରେ ଠିଆ ହୋଇଥାନ୍ତି, ଚାଲିବାକୁ ଚେଷ୍ଟା କରନ୍ତି ଓ ଚାଲନ୍ତି । ଏହି ପିଲାମାନେ ନିଜ ଝାଡ଼ା ଓ ପରିସ୍ରା ଉପରେ ନିୟନ୍ତ୍ରଣ ହରାଇଥାନ୍ତି । ସେହିପରି କେତେକ ଶିଶୁ ବିଦ୍ୟାଳୟରେ ନାମ ଲେଖିବା ପରେ ଲେଖାପଢ଼ା ଠାରୁ ଗୀତ ବୋଲିବା ଆଦି ଶିଖି ପାରନ୍ତି ନାହିଁ । ଏପରିକି ସେମାନେ ଏକରୁ ଦଶ ପର୍ଯ୍ୟନ୍ତ ସଂଖ୍ୟା ମଧ୍ୟ ଗଣିବାକୁ ସକ୍ଷମ ହୁଅନ୍ତି ନାହିଁ ।

# ପିଲାଙ୍କ ମାନସିକ ଅନଗ୍ରସରତା

ପିଲାମାନେ ଏକୁଟିଆ ରହିବାକୁ ଚାହାନ୍ତି ଏବଂ କାହାରି ସହ ମିଶିବାକୁ ଭଲ ପାଇନଥା'ନ୍ତି । ଯଦିବା ଶିଶୁ ଚପଳତା ଭାବେ କାହାର ପେନ୍‌ସିଲ ବା ବହିକୁ ଭଲ ପାଇ ନେଇଆସେ ତାହାକୁ କିନ୍ତୁ ଫେରାଇବାକୁ ରାଜି ତ ହୁଏନାହିଁ ବରଂ ରାଗିଯାଏ । କେତେକ କ୍ଷେତ୍ରରେ ପିଲାଟି ସାଙ୍ଗମାନଙ୍କୁ ମାରିବା ସହ କାମୁଡ଼ି ଦେଇଥାଏ । କାହା କଥା ଶୁଣେ ନାହିଁ କି ଯେ କୌଣସି ଦଣ୍ଡ ଦେଲେ ମଧ୍ୟ ପିଲାଟିର ପରିବର୍ତ୍ତନ ହୋଇନଥାଏ । କେତେକ ପିଲା ଏଠିସେଠି ଝାଡ଼ା ପରିସ୍ରା କରିଦେଇଥାନ୍ତି ।





ମାନସିକ ରୋଗ ବିଶେଷଜ୍ଞ ସର୍ବପ୍ରଥମେ ମାନସିକ ଅନଗ୍ରସରତାର କାରଣ ଖୋଜି ପିଲାଟିର ଚିକିତ୍ସା ଆରମ୍ଭ କରିଥାନ୍ତି । ଗର୍ଭସ୍ଥ ସମୟର କାରଣକୁ ଦେଖିଲେ ଜଣାଯାଏ ଏହା ବଂଶଗତ ବା ଜେନେଟିକ୍ ହୋଇପାରେ । ଜିନ୍‌ର ହଠାତ୍ ପରିବର୍ତ୍ତନ ହୋଇପାରେ ଯାହାଦ୍ୱାରା ଶିଶୁଟି ମଙ୍ଗୋଲିଆନ ବା ତିବ୍ବତିଆନ୍ ଶିଶୁ ପରି ଦେଖାଯାଏ । ମା'ର ବୟସ ୩୫ ବର୍ଷରୁ ଅଧିକ ହୋଇଥିଲେ ଏହିପରି ଶିଶୁ ଜନ୍ମ ହେବାର ସମ୍ଭାବନା ଅଧିକ ଥାଏ । ଦ୍ୱିତୀୟ କାରଣ ଭାବରେ ପୁଷ୍ଟିସାର ଖାଦ୍ୟର ଅଭାବ ମୁଖ୍ୟତଃ ଦାୟୀ । କାରଣ ଅଧିକାଂଶ ମା'ଆମାନେ ଗର୍ଭାବସ୍ଥାରେ ଉପଯୁକ୍ତ ପରିମାଣର ପୁଷ୍ଟିସାର ଜାତୀୟ ଖାଦ୍ୟ ଖାଇନଥାନ୍ତି ଯାହାଦ୍ୱାରା ଶିଶୁଟି ଜନ୍ମ ହେଲାବେଳକୁ ମାନସିକ ଅନଗ୍ରସର ଶିଶୁ ଭାବରେ ଜନ୍ମ ନେଇଥାଏ । ଗର୍ଭାବସ୍ଥାରେ ପିଲାଟି ତିନି ଚାରି ମାସର ହୋଇଥିବାବେଳେ ମାଆକୁ ଯଦି ମିଳିମିଳା, ଡାଇବେଟିସ୍, ଗାଲୁଆ, ହାଡଫୁଟି, ସିଫିଲସ୍ ରୋଗ ହୁଏ ତା'ହେଲେ ଗର୍ଭସ୍ଥ ଶିଶୁଟିର ମସ୍ତିଷ୍କ ଉପରେ ପ୍ରଭାବ ପକାଇବାର ସମ୍ଭାବନା ଥାଏ । ସେହିପରି ଗର୍ଭବତୀ ମାଆ ଗର୍ଭାବସ୍ଥାର ତିନି ଚାରି ମାସ ମଧ୍ୟରେ ଟେଟ୍ରାସାଇକ୍ଲିନ୍ ଓ ହରମୋନ ଜାତୀୟ ଔଷଧ ବ୍ୟବହାର କରୁଥିଲେ ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ ପିଲାଟି ଉପରେ ପଡ଼ିଥାଏ । ଗର୍ଭବତୀ ମାଆମାନେ ଧୂମପାନ, ମଦ, ସିଗାରେଟ ଓ ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିବା ଉଚିତ କାରଣ ଏହା ପିଲାଟିର ମସ୍ତିଷ୍କ ଉପରେ ଗୁରୁତର ପ୍ରଭାବ ପକାଏ । ସେହିଭଳି ଗର୍ଭବତୀ ମହିଳାଙ୍କ ପେଟରେ ଆଘାତ ଲାଗିଲେ ଏହା ପିଲାଟି ପାଇଁ ଘାତକ ହୋଇପାରେ । ସନ୍ତାନ ଜନ୍ମ ହେବା ସମୟରେ ମାଆଟି ବହୁତ ସମୟ ଧରି ପ୍ରସବ ବେଦନା ପାଉଥିଲେ ଏହା ଶିଶୁଟିର ମସ୍ତିଷ୍କରେ ବାଧା ହୋଇ ନଷ୍ଟ ହୋଇପାରେ । କାରଣ ଗର୍ଭସ୍ଥ ଶିଶୁଟିର ମସ୍ତିଷ୍କ ଜନ୍ମ ଦ୍ୱାରରେ ଚାପି ହୋଇଯାଇଥାଏ ଯାହାଦ୍ୱାରା ପିଲାଟି ଜନ୍ମ ପରେ ହାଲିଆ ହୋଇଯାଇ କାନ୍ଦିବାକୁ ଓ ନିଶ୍ୱାସ ନେବାକୁ କଷ୍ଟ ପାଇଥାଏ । ପିଲାଟିର ମସ୍ତିଷ୍କକୁ ସଠିକ୍ ପରିମାଣର ଅମ୍ଳଜାନ ଯାଇପାରିନଥାଏ । ସେହିପରି ଜନ୍ମ ପରର କାରଣ ଭାବେ ଦେଖିଲେ ଜଣାଯାଏ ମସ୍ତିଷ୍କର ଉନ୍ନତି ପ୍ରାୟ ତିନିବର୍ଷ ପର୍ଯ୍ୟନ୍ତ ହୋଇଥାଏ । ପ୍ରଥମ ଦୁଇ ବର୍ଷରେ ପୁଷ୍ଟିସାର ଖାଦ୍ୟର ଅଭାବ, ମାନସିକ ଅନଗ୍ରସରତାର ମୁଖ୍ୟ କାରଣ । ସେହିପରି ଶିଶୁଟିକୁ ଅଧିକ ଭାବେ ଝାଡ଼ା, ଡାଇରିଆ, ବାତ ମାରିଲେ (ପିଢ଼ୁଳା) ବା ମୁଣ୍ଡରେ ମାଡ଼ ହେଲେ ଶିଶୁଟି ମାନସିକ ଅନଗ୍ରସର ହୋଇପାରେ ।

ଏହିପରି ପିଲାଙ୍କ ପାଇଁ ଚିକିତ୍ସା ଓ ଯତ୍ନ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଦୁଇବର୍ଷ ମଧ୍ୟରେ ଥିବା ପିଲାଙ୍କୁ ପ୍ରତିଦିନ ସକାଳ ଓ ସଂଧ୍ୟାରେ ତେଲ ଲଗାନ୍ତୁ । ପିଲାକୁ ବସାଇବା ଓ ଘରର ବେଞ୍ଚ ବା ଖଟକୁ ଧରି ଚାଲିବା ଶିଖାନ୍ତୁ । ପିଲାଟିକୁ ରଙ୍ଗୀନ ଜିନିଷ ବା ରଙ୍ଗୀନ କପଡ଼ା ବା ଶବ୍ଦ କରୁଥିବା ଖେଳନା ଦିଅନ୍ତୁ । ପିଲାଟିକୁ କେବେହେଲେ ଘରେ ଏକୁଟିଆ ଛାଡ଼ି ବାହାରକୁ ଯାଆନ୍ତୁ ନାହିଁ । ଦୁଇବର୍ଷରୁ ପାଞ୍ଚ ବର୍ଷ ପିଲାଙ୍କ ପାଇଁ, ଗାଧୋଇବା, ଖାଇବା, ଝାଡ଼ା ପରିସ୍ରା ଯିବା ଠାରୁ ନିଜ ପୋଷାକ ପିନ୍ଧିବା ଶିଖାନ୍ତୁ । ଏହିସବୁ କାମକୁ ଧୀରେ ଧୀରେ ଗୋଟିଏ ଗୋଟିଏ ସ୍ତରରେ ଶିଖାଇବା ଦରକାର । ଯଥା ସାର୍ଟ ପିନ୍ଧିବାକୁ ଶିଖାଉଥିଲେ ପ୍ରଥମେ ପିନ୍ଧାଇବା ଓ ପରେ ବୋତାମ ଲଗାଇବା ଏହିପରି କ୍ରମଅନୁସାରେ ଶିଖାନ୍ତୁ । ପିଲାଟିକୁ ଗାଳି ନଦେଇ ପ୍ରଶଂସା କରନ୍ତୁ । ଛଅରୁ ଦଶ ବର୍ଷର ପିଲାଙ୍କ ପାଇଁ ସମାଜ ସହିତ ଖାପ ଖୁଆଇବା ଶିଖାନ୍ତୁ । ଲୋକମାନଙ୍କ ସହିତ କଥାବାର୍ତ୍ତା ହେବା, ଘରର ଛୋଟ ଛୋଟ କାମ କରିବା ଇତ୍ୟାଦି ଶିକ୍ଷା ଦିଅନ୍ତୁ । ଦଶବର୍ଷରୁ ଅଧିକ ପିଲାଟି ଯଦି ଅଳ୍ପ ମାନସିକ ଅନଗ୍ରସର ହୋଇଥାଏ ତାହେଲେ ସେ ସ୍କୁଲକୁ ଯାଇପାରିବ, ପଢ଼ିପାରିବ ଓ ଅନ୍ୟ କେତେକ କାମ ବି ଶିଖିପାରିବ । ଅଧିକ ମାନସିକ ଅନଗ୍ରସର ହୋଇଥିଲେ ବିବାହ କରାଇବା ଅନୁଚିତ । ଅଳ୍ପ ଭାବେ ମାନସିକ ଅନଗ୍ରସର ହୋଇଥିବା ପିଲାଟିର ବିବାହ ଚାହୁଁଥିଲେ ଦୁଇ ପରିବାର ଓ ପୁଅଝିଅଙ୍କ ଜାଣନ୍ତରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ବିବାହ କରାଯାଇପାରେ । ପିଲାଟିକୁ ଯଦି ବାତ ମାରୁଥାଏ, ଅତ୍ୟଧିକ ଅସ୍ଥିରତା, ଅଧିକ କ୍ରୋଧ ଦେଖାଉଥିଲେ ତାହାଲେ ଡାକ୍ତରଙ୍କ ସହିତ ପରାମର୍ଶ କରି ଔଷଧ ନେବା ଆବଶ୍ୟକ । ଅଭିଭାବକମାନେ ମାନସିକ ଅନଗ୍ରସର ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଖୋଲାଯାଇଥିବା ସ୍କୁଲକୁ ପିଲାମାନଙ୍କୁ ପଠାଇ ପାରନ୍ତି । ଏହି ସ୍କୁଲରେ ପିଲାଟିକୁ ନାନା ପ୍ରକାର ଶିକ୍ଷା ଦିଆଯାଇଥାଏ । କିନ୍ତୁ ପିଲାଟିକୁ ପୁରା ସମୟ ସ୍କୁଲରେ ନଛାଡ଼ି ବାପା, ମାଆ ପାଖରେ ରଖି ଶିଖାଇବାକୁ ଚେଷ୍ଟା କରିବା ଉଚିତ । କାରଣ ଏପରି ପିଲାଙ୍କୁ ବାପ-ମାଆମାନେ ବେଶୀ ସହଜରେ ସବୁ ଶିଖାଇପାରନ୍ତି । ମନେରଖନ୍ତୁ ଏପରି ପିଲାମାନଙ୍କୁ ସରକାରୀ ସାହାଯ୍ୟ ମିଳିବାର ଯୋଜନା ରହିଛି । ମେଡ଼ିକାଲ ସାର୍ଟିଫିକେଟ ନେଇ ସ୍ଥାନୀୟ ସରକାରୀ ଅନୁଷ୍ଠାନରେ ଦେଲେ ମାସିକ ଭତ୍ତା ମିଳିଥାଏ । ପିଲାଟିର ମାନସିକ ଅନଗ୍ରସରତାକୁ ନେଇ ଚିନ୍ତା ରହିବା ବାପାମାଆଙ୍କ ପାଇଁ ସ୍ୱାଭାବିକ । ଏ କ୍ଷେତ୍ରରେ ଧୈର୍ଯ୍ୟହରା ନହୋଇ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ପ୍ରଥମରୁ ହିଁ ଚିକିତ୍ସା କଲେ ପିଲାଟି ନିଶ୍ଚୟ ସାମାଜିକ ସ୍ରୋତରେ ସାମିଲ ହୋଇ ତା' ଜୀବନ ନିର୍ବାହ କରିବାକୁ ସକ୍ଷମ ହେବ ।









---

ଶୀତ ଆସିଲେ ଥଣ୍ଡା ଓ ସର୍ଦ୍ଦି ଆସିଯାଏ । ଶୀତର ପ୍ରକୋପ ଓ ତଜ୍ଜନିତ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସହିତ ଲଢ଼େଇ କରିବାକୁ ପଡ଼ିଥାଏ । ଶୀତ କାରଣରୁ ବେଶୀ ସମୟ ଘର ଭିତରେ ରହିବା ଫଳରେ ସ୍ୱାସ୍ଥ୍ୟଗତ ସମସ୍ୟାଗୁଡ଼ିକ ଧୀରେ ଧୀରେ ବଢ଼ିବାରେ ଲାଗେ । ବିଶେଷକରି ସଂକ୍ରମଣ ହେବାର ଅଧିକ ଆଶଙ୍କା ଥାଏ । ସାଧାରଣତଃ ସର୍ଦ୍ଦି, ଥଣ୍ଡାର ପ୍ରାୟ ୨୦୦ ପ୍ରକାରର ଭୂତାଣୁ ସକ୍ରିୟ ହୋଇଯାନ୍ତି ଶୀତଦିନେ । ନାକ ଭିତରେ ଥିବା ସୂକ୍ଷ୍ମ ପରଦା ଶୁଷ୍କ ରହିବାରୁ ସହଜରେ ଭୂତାଣୁ ଦ୍ୱାରା ସଂକ୍ରମଣ ବ୍ୟାପିଥାଏ । ଥଣ୍ଡା ହେଲେ ପୁରା ଉପଶମ ପାଇଁ କୌଣସି ଔଷଧ ନାହିଁ, କିନ୍ତୁ ଏହାର ଲକ୍ଷଣ ଯଥା କାଶ, ଗଳାଫୁଲା, ନାକ ରୁନ୍ଧି ହୋଇଯିବା, ଛିଙ୍କ ଓ ଜ୍ୱରର ଚିକିତ୍ସା କରାଯାଇପାରେ । ଏଣୁ ଏଭଳି ସଂକ୍ରମଣରୁ କିଭଳି ରକ୍ଷା ପାଇବା ସେଥିପ୍ରତି ସତର୍କ ରହିବା ଜରୁରୀ ।





# ଶୀତ ପାଇଁ ସତର୍କତା





କାଶ ଓ ଛିଙ୍କ ଆସିଲେ ମୁହଁରେ ହାତ ରଖିବା ଉଚିତ । ଏହାଦ୍ୱାରା ପାଖରେ ଥିବା ଅନ୍ୟ କେହି ଥଣ୍ଡା ଦ୍ୱାରା ସଂକ୍ରମିତ ହେବେନାହିଁ । ପ୍ରତିଦିନ ସାବୁନରେ ହାତ ସଫା କରିବା ଦରକାର। ଥଣ୍ଡା ହେଲେ ଡିସ୍‌ପୋଜାଲ ମାସ୍କ କିମ୍ବା ଡିସ୍‌ପୋଜାଲ ପେପର ବ୍ୟବହାର କରିବା ଦରକାର। ସର୍ଦ୍ଦି ଓ ଥଣ୍ଡା, କାଶରୁ ରକ୍ଷା ପାଇବାକୁ ହେଲେ ଘରକୁ ସଫା ରଖିବା ସହ ଏକ ସୁସ୍ଥ ବାତାବରଣର ଆବଶ୍ୟକତା ରହିଛି । ଯେଉଁମାନଙ୍କର ଫୁସ୍‌ଫୁସ୍ ଜନିତ ସମସ୍ୟା ରହିଛି ସେମାନେ ଏ କ୍ଷେତ୍ରରେ ବେଶୀ ଯତ୍ନବାନ ହେବା ଜରୁରୀ । ମୁଖ୍ୟତଃ ଶିଶୁମାନଙ୍କ ଠାରେ ଥିବା ଶ୍ୱାସକ୍ରିୟାଜନିତ ସମସ୍ୟା ଟାଳିବାକୁ କେତୋଟି ଦିଗ ପ୍ରତି ନଜର ରଖିବାକୁ ପଡ଼ିବ । ସ୍କୁଲ, ଘରେ କିମ୍ବା ଗହଳି ଜାଗାରେ ସର୍ଦ୍ଦିରେ ପୀଡ଼ିତଙ୍କ ସଂସ୍ପର୍ଶରେ ନଆସିବା ଭଲ। ପିଲାମାନଙ୍କର ଯେଭଳି ପୌଷ୍ଟିକ ତତ୍ତ୍ୱର ଅଭାବ ନରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ଶରୀରକୁ ଶୀତରୁ ରକ୍ଷା କରିବାକୁ ଶୀତପୋଷାକ ପିନ୍ଧାନ୍ତୁ । ତେବେ ଅତି ବେଶୀ ଶୀତ ପୋଷାକ ବ୍ୟବହାର କରିବା ଉଚିତ ନୁହେଁ । କାରଣ ଏହା ମଧ୍ୟ ସମସ୍ୟା ସୃଷ୍ଟି କରିବ । କେବେ ବି କନ୍‌ଭେନ୍‌ସନ ହିଟର ବ୍ୟବହାର କରିବେ ନାହିଁ । ଏହା ଘର ଭିତରର ବାୟୁକୁ ଶୁଷ୍କ କରିଦିଏ ।

**ତ୍ୱଚା ସମସ୍ୟା** : ଶୀତଦିନେ ତ୍ୱଚା ଶୁଷ୍କ ରହେ ଓ ଫାଟେ । ଏଣୁ ତ୍ୱଚାରେ ମଏଶ୍ଚରାଇଜର ଲଗାଇବା ଆବଶ୍ୟକ । ମହିଳା ଓ ଶିଶୁମାନଙ୍କ ଠାରେ ଚିଲ୍‌ବ୍ଲେନସ୍ ଦେଖାଯାଏ । ପାଦରେ କିମ୍ବା ଅଙ୍ଗୁଳିରେ ଲାଲ୍‌ଦାଗ ହୋଇ ଫୁଲିଯାଇ ଫୋଟକା ଭଳି ହୋଇଯାଏ । ବେଳେବେଳେ ଏହା ନାକ କାନରେ ମଧ୍ୟ ଦେଖାଦିଏ । ଏହା ଯେଉଁଠି ହୋଇଥାଏ ସେହି ଜାଗା ଭୀଷଣ କୁଣ୍ଡାଇ ହୋଇ ଯନ୍ତ୍ରଣା ବି ହୁଏ । ଏହା ଦୁଇରୁ ତିନି ସପ୍ତାହଯାଏ ରହେ । ଚିଲ୍‌ବ୍ଲେନ୍‌ସ ଥଣ୍ଡା ପ୍ରଭାବରୁ ତ୍ୱଚାକୁ ରକ୍ତପ୍ରବାହ ବାଧାପ୍ରାପ୍ତ ହୋଇ ସୃଷ୍ଟି ହୋଇଥାଏ । ଯେତେବେଳେ ତାପମାତ୍ରା କମ୍ ରହେ ସେତେବେଳେ ଭୀଷଣ ଥଣ୍ଡା ଯୋଗୁଁ ତ୍ୱଚା ତଳେ ଥିବା ବ୍ଲଡ଼ ଭେସଲସ୍ ସଂକୁଚିତ ହୋଇ ଏଭଳି ସମସ୍ୟା ସୃଷ୍ଟି ହୁଏ । ଏଣୁ ତ୍ୱଚା ଯଦି ତାପମାତ୍ରା ସଂସ୍ପର୍ଶରେ ଆସେ ତେବେ ତାହା ପୁଣି ହଠାତ୍ ଚଉଡା ହୋଇଯାଏ । ଏହି କ୍ରିୟା ଖୁବ୍ ଶୀଘ୍ର ଘଟିଥାଏ ଓ ସେତେବେଳେ ରକ୍ତ ପାଖାପାଖି ଟିସ୍ୟୁକୁ ଚାଲିଯାଏ ଯାହାଫଳରେ ଚିଲ୍‌ବ୍ଲେନସ ହୋଇଥାଏ ।

**ଗଣ୍ଠି ଯନ୍ତ୍ରଣା** : ଶୀତଦିନେ ଶରୀରର ଆଭ୍ୟନ୍ତରୀଣ ତାପମାତ୍ରା ନିୟନ୍ତ୍ରଣ ରଖିବାକୁ ପେରିଫେରିଆଲ ଅଂଶକୁ ରକ୍ତ ପ୍ରବାହ କମ୍ ହୋଇଥାଏ । ଏହାଯୋଗୁ ଗଣ୍ଠି ଜାଗାଗୁଡ଼ିକ ବେଶୀ ନମନୀୟ ଓ ସଞ୍ଚାଳନ ଯୋଗ୍ୟ ହୋଇପାରେ ନାହିଁ ଏବଂ ବାୟୁମଣ୍ଡଳର ଚାପରେ ପରିବର୍ତ୍ତନ ହେତୁ ଗଣ୍ଠି ଫୁଲିଯାଏ ଓ ଯନ୍ତ୍ରଣା ହୋଇଥାଏ । ଶୀତରେ ସୂର୍ଯ୍ୟକିରଣ ଶରୀର କମ୍ ପାଉଥିବାରୁ ଭିଟାମିନ୍-ଡି ଅଭାବରେ ହାଡ଼ ଦୁର୍ବଳ ହୋଇ ଏହି ସମସ୍ୟାକୁ ଆହୁରି ଜଟିଳ କରିଦିଏ । ଏଣୁ ସୂର୍ଯ୍ୟାଲୋକ ପ୍ରତିଦିନ ଦରକାର ।












**ପ୍ରତିରୋଧକ ଶକ୍ତି** : ଶୀତରେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପାଇଁ ସୁଷମ ଖାଦ୍ୟ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ପ୍ରତିରୋଧକ ଶକ୍ତି ଠିକ୍ ରହିଲେ ତାହା ଯେ କୌଣସି ସଂକ୍ରମଣକୁ ପ୍ରତିହତ କରିପାରିବ । ଏଣୁ ପ୍ରତିଦିନ ତୁଳସୀ ପତ୍ର ସେବନ କରିବା ଆବଶ୍ୟକ । ଏହାସହ ଖାଦ୍ୟରେ ଗୋଲମରିଚ ଓ ହଳଦୀ ବି ଖାଇବା ଦରକାର । ରସୁଣ ଓ ଚା'ର ବି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାର କ୍ଷମତା ରହିଛି । ପ୍ରତିଦିନ ଶୀତଦିନର ଖାଦ୍ୟରେ ଏହି ଖାଦ୍ୟଗୁଡ଼ିକୁ ସାମିଲ କରନ୍ତୁ, ଅନେକଗୁଡ଼ିଏ ସମସ୍ୟା ଦୂର ହୋଇଯିବ ।

**ପେଟ ଗୋଳମାଳ** : ବର୍ଷା ଓ ଖରାଦିନ ଭଳି ଶୀତଦିନରେ ପେଟ ଗୋଳମାଳ ହେବା ବେଶୀ ଲକ୍ଷ୍ୟ କରାଯାଏନି । କିନ୍ତୁ ବିଭିନ୍ନ ପର୍ବ ଓ ଭୋଜିର ଆସର ଜମିଥାଏ ଯେଉଁଥିରେ ବେଶୀ ତେଲିଆ ଖାଦ୍ୟ ଖାଇବା ଦେଖାଯାଏ । ଦିନ ଛୋଟ ରହେ ଓ କମ୍ ସୂର୍ଯ୍ୟକିରଣ ମିଳେ । ଅନ୍ୟପକ୍ଷରେ ଶାରୀରିକ ପରିଶ୍ରମ ବି କମ୍ ହୁଏ । ଯାହାଦ୍ୱାରା ଆମେ ଯେତିକି କ୍ୟାଲୋରୀ ନେଉ ତାହା ସେହି ଅନୁପାତରେ କ୍ଷୟ ହୁଏନାହିଁ । ଏଣୁ ଅଳସୁଆ ଲାଗେ ଓ ଓଜନ ବି ବୃଦ୍ଧି ହୋଇଥାଏ । ଆଲକୋହଲ ନେବା ବଢ଼ିଯାଏ ଶୀତଦିନରେ ଯାହା ସମସ୍ୟା ଆଣେ। ଶୀତରେ ଚା', କଫି ସାଙ୍ଗକୁ ଧୂମପାନ ଅଭ୍ୟାସ ବି ବଢ଼ିଯାଏ । ଏଭଳି ସ୍ଥିତିରେ ଛାତିପୋଡ଼ା, ବଦହଜମି ଓ କୋଷ୍ଠବଦ୍ଧତା ଦେଖାଦିଏ । ଏଣୁ ଗରିଷ୍ଠ ଖାଦ୍ୟଠୁ ଯେତେ ଦୂରେଇ ରହିବେ ସେତେ ଉପକାର ।


**ଗଣ୍ଠି ଯନ୍ତ୍ରଣା କମ୍ କରନ୍ତୁ** : ଶୀତ ପୋଷାକ ଓ ହାତରେ ଗ୍ଲୋଭ୍‌ସ ପିନ୍ଧନ୍ତୁ । ଯେଉଁଠି ଗଣ୍ଠି ବେଶୀ ଫୁଲିଥିବ ସେଠି ଉଲ୍‌ର ଆଉ ଏକ କଭର ରଖନ୍ତୁ । ଘର ଭିତରେ ବ୍ୟାୟାମ କରନ୍ତୁ । ଏହାଦ୍ୱାରା ଶରୀର ସକ୍ରିୟ ରହିବ ଓ ବିନ୍ଧା କମ୍ ହେବ । ନଖ ଉଷୁମ ପାଣିରେ ଗାଧୋଇବା ହିତକର । ୱାର୍ମବାଥ ପରେ ହଠାତ୍ ବାହାରକୁ ଯିବା ଉଚିତ ନୁହେଁ । ଖରାରେ କିଛି ସମୟ ରୁହନ୍ତୁ ଯାହା ଭିଟାମିନ୍ ଡି ଯୋଗାଇଦେବ । ଯଦି ଏହା ସମ୍ଭବ ହୋଇପାରୁନାହିଁ ତେବେ ଭିଟାମିନ ଡି ସପ୍ଲିମେଣ୍ଟ ଖାଆନ୍ତୁ । ଯଦିଓ ଏହାର କୌଣସି ହର୍ବାଲ ସପ୍ଲିମେଣ୍ଟ ନାହିଁ ତଥାପି ଯନ୍ତ୍ରଣା କମାଇବାକୁ ଗ୍ଲୁକୋସମାଇନ ଏବଂ କୋଣ୍ଡ୍ରାଇଟିନ୍ ସପ୍ଲିମେଣ୍ଟ ସେବନ କରିବା କିଛି କ୍ଷତିକାରକ ନୁହେଁ । ପାଗ ଯେତେବେଳେ ପୁରା ଥଣ୍ଡା ଥାଏ ସେତେବେଳେ କେବେ ବି ବାହାରକୁ ବାହାରନ୍ତୁ ନାହିଁ । ଥଣ୍ଡା ଜାଗାରେ ଖାଲି ପାଦରେ ବି ଚାଲନ୍ତୁ ନାହିଁ । ଯଦି ବାହାରକୁ ଯିବା ନିହାତି ଦରକାର ତେବେ ଜୋତା ପିନ୍ଧନ୍ତୁ ଓ ଶୀତରୁ ଶରୀରକୁ ରକ୍ଷା କରିପାରୁଥିବା ଭଲ ପୋଷାକ ବ୍ୟବହାର କରନ୍ତୁ । ଓମେଗା-୩ଫ୍ୟାଟି ଏସିଡ୍ ଫୁଲା କମାଇବାରେ ସହାୟକ ହୋଇଥାଏ । ଦିନକୁ ୨ରୁ ୩ଗ୍ରାମ ଆବଶ୍ୟକ। ଏହା ନେବା ଆଗରୁ ଚିକିତ୍ସକଙ୍କ ପରାମର୍ଶ ଲୋଡ଼ନ୍ତୁ । କାରଣ ଏହା ବ୍ଲିଡିଂ ଭଳି ସମସ୍ୟା ସୃଷ୍ଟି କରିଥାଏ । ଲାଇଫ୍‌ଷ୍ଟାଇଲ ପରିବର୍ତ୍ତନ ଯଦି ନକରିପାରୁଛନ୍ତି ତେବେ ନନ୍ ଷ୍ଟିରଏଡ୍ ଆଣ୍ଟିଇନ୍‌ଫ୍ଲାମାଟୋରୀ ଡ୍ରଗ୍ସ ସେବନ କରିପାରିବେ । ଶୀତରେ ମସାଜ ମାଂସପେଶୀକୁ ସକ୍ରିୟ ରଖିବା ସହ ଗଣ୍ଠି ଯନ୍ତ୍ରଣା ହ୍ରାସ କରିଥାଏ । ଆକ୍ୟୁପଙ୍କଚର ମଧ୍ୟ ଅନେକ ଲାଭ ପହଞ୍ଚାଇଥାଏ । ନଖ ଉଷୁମ ପାଣିରେ ଗାଧାନ୍ତୁ। ଏହାପରେ ଶରୀରରେ ତେଲ ମାଲିସ୍ କରନ୍ତୁ। ପୁରା ଶୁଷ୍କ ସ୍କିନ ଲୋସନ କିମ୍ବା ମଶ୍ଚରାଇଜର ବ୍ୟବହାର କରିବା ଉଚିତ । ମୁହଁରେ ଫେସ୍ ଲୋସନ ଲଗାନ୍ତୁ । ଉଷୁମ ପାଣିରେ କେବେ ବି ମୁହଁ ଧୁଅନ୍ତୁ ନାହିଁ । ହାତ ଓ ପାଦର ସୁରକ୍ଷା ପାଇଁ ଚିଲ୍‌ବ୍ଲେନ୍‌ସରୁ ମୁକ୍ତ ହେବାକୁ ପଡ଼ିବ । ଏଥିପାଇଁ ଏକ ଲିଟର ଉଷୁମ ପାଣିରେ ଏକ ଚାମଚ ଲୁଣ ମିଶାଇ ହାତ ଓ ପାଦ ୫-୧୦ ମିନିଟ୍ ଯାଏ ବୁଡ଼ାଇ ରଖନ୍ତୁ । ଏହାପରେ ଟାୱେଲରେ ଭଲ କରି ପୋଛି ସେଥିରେ ମଏଶ୍ଚରାଇଜର କ୍ରିମ ଲଗାନ୍ତୁ । ମୁଣ୍ଡରେ ରୁପି ହେଉଥିଲେ କିମ୍ବା ଶୁଷ୍କ ତ୍ୱଚା ଛାଡୁଥିଲେ ନଡ଼ିଆ, ଅଲିଭ ନଚେତ ଆଲମଣ୍ଡ ତେଲ ମୁଣ୍ଡର ତ୍ୱଚାରେ ଭଲ ଭାବେ ମାଲିସ୍ କରିବା ପରେ ଉଷୁମ ପାଣିରେ ସଫା କରନ୍ତୁ । ଓଠକୁ ଶୁଷ୍କ ନରଖିବା ପାଇଁ ମେଟାଲିକ୍ ଲିପ୍‌ଷ୍ଟିକ୍ ବ୍ୟବହାର ଛାଡ଼ନ୍ତୁ। ଲିପ୍ ଗ୍ଲାସ ବ୍ୟବହାର କରିବା ମଧ୍ୟ ଭଲ । ଏହାଦ୍ୱାରା ଓଠ ସୁନ୍ଦର ଓ ସତେଜ ଦିଶେ ।



ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 15th November, 2025 Saturday | RNI Regd. No. ODIODI/2009/28880

## ହେଲ୍ଥ ଟନିକ୍



### ସ୍ୱେଟର ବୁଣିବାକୁ କେତେ ସମୟ ଲାଗେ

କର୍ମଜୀବୀ ମହିଳାମାନଙ୍କର ଏକ ତାଲିମ ଶିବିରରେ ଯୋଗ ଦେଇଥିବା ଅଳ୍ପ ବୟସ୍କା ଯୁବତୀମାନଙ୍କୁ ଉଲ୍ ପୋଷାକ ତିଆରି ସଂପର୍କରେ ସୂଚନା ଦେଉଥାନ୍ତି ଜନୈକା ବୟସ୍କା ମହିଳା। ସେ ଶିବିରାର୍ଥୀ ଯୁବତୀମାନଙ୍କୁ ପଚାରିଲେ- ତମେମାନେ ସ୍ୱେଟର ବୁଣି ଜାଣ ?

ଉପସ୍ଥିତ ସମସ୍ତ ଯୁବତୀ ଏକ ସ୍ୱରରେ କହିଲେ- ହଁ, ସ୍ୱେଟର ବୁଣା ଅଭ୍ୟାସ ଆମମାନଙ୍କର ଅଛି।

ଏବେ ବୟସ୍କା ମହିଳା ପଚାରିଲେ- ଗୋଟିଏ ପୂରା ସ୍ୱେଟର ବୁଣିବା ପାଇଁ କେତେ ଦିନ ଲାଗିବ ?

ଶିବିରାର୍ଥୀନୀଙ୍କ ମଧ୍ୟରୁ ସବୁଠାରୁ ନଖରୀ ଯୁବତୀ ଡୋଳା ନଚାଇ କହିଲା- କେତେ ସମୟ ଲାଗିବ ସେଇଟା କାହା ପାଇଁ ବୁଣା ହେଉଛି ସେଥିରୁ ଜଣାପଡିବ।

ବୟସ୍କା ମହିଳା ଏ ଉତ୍ତର ବୁଝିନପାରି ପଚାରିଲେ- କାହା ପାଇଁ ମାନେ ?

ଶିବିରାର୍ଥୀନୀ ସ୍ମିତ ହସି କହିଲା- ପ୍ରେମିକର ସ୍ୱେଟର ହୋଇଥିଲେ ୩ ଦିନ ଲାଗିବ। ଆଉ ପଡ଼ୋଶିନୀଙ୍କ ପତିଙ୍କ ସ୍ୱେଟର ପାଇଁ ୩ ସପ୍ତାହ ଦରକାର। ଆଉ ଯଦି ନିଜ ସ୍ୱାମୀ ହୋଇଥାନ୍ତି, ତା'ହେଲେ ଅତିକମ୍‌ରେ ୩ମାସ। ଏହାଠାରୁ ଅଧିକ ବି ଲାଗିପାରେ।

# ଯାତ୍ରାବାସି ବୋହି ନେଲେ ଘରକରଣା ସାମଗ୍ରୀ

**କଟକ,୧୪।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଗୁରୁବାର ବାଲିଯାତ୍ରା ଉଦଯାପିତ ହୋଇଥିଲେ ମଧ୍ୟ ଶୁକ୍ରବାର ଯାତ୍ରା ବାସି ମେଳା ପଡ଼ିଆରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଭିନ୍ନ ସାମଗ୍ରୀ କିଣାକିଣି ପାଇଁ ଲୋକେ ମେଳା ପଡ଼ିଆରେ ଆଜି ଭିଡ଼ ଜମାଇଥିଲେ । ଶୁକ୍ରବାର ସକାଳ ୯ଟା ପରଠୁ ବାଲିଯାତ୍ରା ପଡ଼ିଆକୁ ଲୋକଙ୍କ ସୁଅ ଛୁଟିଥିଲା । ଅପରାହ୍ନ ୪ଟା ପର୍ଯ୍ୟନ୍ତ ମେଳା ପଡ଼ିଆରେ ଭିଡ଼ କମି ନଥିଲା। ଅପରାହ୍ନ ୪ଟା ପରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସାୟୀମାନଙ୍କୁ ଦୋକାନ ବନ୍ଦ କରିବାକୁ ତାଗିଦ କରିବାରୁ ଧୀରେ ଧୀରେ ଭିଡ଼ କମିଥିଲା । ଚଳିତ ମାସ ୫ ତାରିଖ ବୁଧବାର କାର୍ତ୍ତିକ ପୂର୍ଣ୍ଣିମାରୁ ଐତିହାସିକ କଟକ ବାଲିଯାତ୍ରା ଉତ୍ସବ ଆରମ୍ଭ ହୋଇ ୯ ଦିନ ବ୍ୟାପୀ ଚାଲିବା ପରେ ଗୁରୁବାର ଦିନ ଉଦଯାପିତ ହୋଇଥିଲା । କିନ୍ତୁ ବାଲିଯାତ୍ରା ସରିବା ପରେ ଆଜି ଶୁକ୍ରବାର ମଧ୍ୟ ମେଳା ପଡ଼ିଆରେ ଭିଡ଼ କମି ନଥିଲା । ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି, ବାଲିଯାତ୍ରା ଚାଲୁଥିବା ବେଳେ ପ୍ରତିଦିନ ଅପରାହ୍ନ ୩ଟା ପରେ ଭିଡ଼ ବଢୁଥିବା ବେଳେ ଆଜି କିନ୍ତୁ ୯ଟା ରୁ ଭିଡ଼ ବୃଦ୍ଧି ପାଇଥିଲା । ପରମ୍ପରା ଅନୁସାରେ, କଟକ ସହର ତଥା ଆଖପାଖ ଅଂଚଳର ଲୋକେ ବାଲିଯାତ୍ରା ପରେ ମେଳା ପଡ଼ିଆରେ ବୁଲାବୁଲି ସହିତ ଖିଆପିଆ କରିଥାନ୍ତି। ଏଥିସହିତ ବାଲିଯାତ୍ରା ବାସି ସାମଗ୍ରୀ ମଧ୍ୟ କିଣାକିଣି କରିଥାନ୍ତି । ଏଥିପାଇଁ ଆଜି ସକାଳୁ ବାଲିଯାତ୍ରା ତଳ ପଡ଼ିଆରେ ଲୋକଙ୍କର ଗହଳି ଲାଗିଥିଲା । ବିଶେଷକରି ମହିଳାମାନେ ସାଜସଜ୍ଜା ଓ ଘରକରଣା ଆଦି ସାମଗ୍ରୀ କିଣିବାରେ ବ୍ୟସ୍ତ ଥିଲେ। ଏହାଛଡ଼ା ବହୁଲୋକ ବାଇକ ଓ କାର ନେଇ ପଡ଼ିଆରେ ବୁଲିବା ସହିତ ଘରକରଣା ସାମଗ୍ରୀ ଅଧିକ ମୂଲଚାଲ କରି କିଣି ନେଉଥିବା ଦେଖିବାକୁ ମିଳିଥିଲା । ୯ଦିନରେ ଭଲ ଲାଭ କରିଥିବା ବାଲିଯାତ୍ରା ବ୍ୟବସାୟୀ ମାନେ ଆଜି ଘରକୁ ଯିବା ଓ ଜିନିଷ ସାରିବା ଉଦ୍ଦେଶ୍ୟରେ ପ୍ରତି ଜିନିଷର ଦର ହ୍ରାସ କରି ଦେଇଥିଲେ। ଏପରିକି କିଛି ଘରକରଣା ଜିନିଷ ଆଜି ଅଧା ଦାମରେ ବିକ୍ରି ହୋଇଥିଲା। ଏଥିପାଇଁ ଗଡ଼ଗଡ଼ିଆ ମନ୍ଦିର ଦୁଇ ପାର୍ଶ୍ୱର ମହାନଦୀ ରିଂଗ ବନ୍ଧ ଓ କ୍ୟାଣ୍ଟେନମେଣ୍ଟ ରୋଡ଼ ଆଦିରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଏଭଳି ସ୍ଥିତି ହୋଇଥିଲା ଯେ, ଭିଡ଼ କମାଇବା ପାଇଁ ପୋଲିସ ପକ୍ଷରୁ ବ୍ୟବସାୟୀମାନଙ୍କୁ ପସରା ବନ୍ଦ କରିବାକୁ ବାଧ କରାଯାଇଥିଲା।

## ପ୍ରତ୍ୟେକ ପୌରାଞ୍ଚଳରେ ହେବ ଅତ୍ୟାଧୁନିକ ସମ୍ମିଳନୀ କକ୍ଷ

**ଭୁବନେଶ୍ୱର,୧୪।୧୧: ତଥ୍ୟ**

ରାଜ୍ୟର ପ୍ରତ୍ୟେକ ପୌରାଞ୍ଚଳରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ଡିଜିଟାଲ ସମ୍ମିଳନୀକକ୍ଷ । ଗୃହ ଓ ନଗର ଉନ୍ନୟନ ବିଭାଗ ସହିତ ସିଧାସଳଖ ଭାବେ ଏହି ସମ୍ମିଳନୀ କକ୍ଷ ସଂଯୋଗ ହେବ ଏବଂ ରାଜଧାନୀରୁ ଅଧିକାରୀମାନେ ପୌରସଂସ୍ଥା ସହିତ ଯୋଗାଯୋଗରେ ରହିବେ । ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏଭଳି ସମ୍ମିଳନୀ କକ୍ଷ ନିର୍ମାଣପାଇଁ ଆଜି ଓଡିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍)ର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ପତ୍ର ଲେଖାଯାଇଛି। ଏଥିରେ ଦର୍ଶାଯାଇଛି ଯେ ପ୍ରଶାସନିକ ବ୍ୟବସ୍ଥାରେ ଉନ୍ନତି ଆଣିବାପାଇଁ ବିଭାଗ ପକ୍ଷରୁ ଡିଜିଟାଲ ଜ୍ଞାନକୌଶଳ ବ୍ୟବସ୍ଥାକୁ ଆପଣାଯାଉଛି । ତଦନୁଯାୟୀ ପୌରସଂସ୍ଥାଗୁଡିକର ଦକ୍ଷତା ବିଭାଗ ପାଇଁ ସେଠାରେ ଓସଓ୍ୱାନ୍ ସମ୍ମିଳନୀ କକ୍ଷର ନିର୍ମାଣ ହେବ । ଏଥିରେ ଅତ୍ୟାଧୁନିକ ଶବ୍ଦ-ଦୃଶ୍ୟ ବ୍ୟବସ୍ଥା ସହିତ ଆଇଟି ଭିତ୍ତିଭୂମି ରହିବ।

ଏହି ସମ୍ମିଳନୀକକ୍ଷଗୁଡିକ ଅନ୍‌ଲାଇନ୍ ବୈଠକ, ତାଲିମ ଏବଂ ଭର୍ଚୁଆଲ ସମୀକ୍ଷା ପାଇଁ ବ୍ୟବହୃତ ହେବ । ଓଡିଶା ଷ୍ଟେଟ୍ ୱାଇଡ୍ ନେଟୱାର୍କ (ଓସୱାନ) ଜରିଆରେ ଏହା କାର୍ଯ୍ୟକାରୀ ହେବ । ଏଥିରେ ଦ୍ରୁତଗାମୀ ନେଟୱାର୍କ ସଂଯୋଗ, ଡିସପ୍ଲେ ବୋର୍ଡ, ଭିଡିଓ କନଫରେନ୍ସିଂ ୟୁନିଟ୍, ଅଡିଓ ସିଷ୍ଟମ, ୟୁପିଏମ୍ ବ୍ୟାକଅପ୍ ଏବଂ ଅନ୍ୟାନ୍ୟ ଆବଶ୍ୟକ ସାଜ ସରଞ୍ଜାମ ରହିଛି । ଏ ସଂକ୍ରାନ୍ତରେ ଓକାକ୍ ଚୂଡାନ୍ତ ନିଷ୍ପତ୍ତି ନେବ । ଉପରୋକ୍ତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓକାକ୍ ପଦକ୍ଷେପ ଗ୍ରହଣ ସହିତ ବୈଷୟିକ ଢାଞ୍ଚା ପ୍ରସ୍ତୁତ ଲାଗି ବିଭାଗ ପକ୍ଷରୁ କୁହାଯାଇଛି । ଏଥିପାଇଁ ଓକାକ୍‌ର ବୈଷୟିକ ଟିମ୍ ପୌରାଞ୍ଚଳଗୁଡିକୁ ଗସ୍ତ କରିବାକୁ ବି ଏଥିରେ ପରାମର୍ଶ ଦିଆଯାଇଛି ।

ଉଲ୍ଲେଖନୀୟ ଯେ ପୌରାଞ୍ଚଳରେ ଅତ୍ୟାଧୁନିକ ସମ୍ମିଳନୀକକ୍ଷଟିଏ ନଥିବାରୁ କୌଣସି ଉଚ୍ଚସ୍ତରୀୟ ବୈଠକ ହେଉ କିମ୍ବା ତାଲିମ, ଜିଲ୍ଲା ସ୍ତରର ଏକାଧିକ ଅଧିକାରୀ ଓ କର୍ମଚାରୀ ବାରମ୍ବାର ରାଜଧାନୀକୁ ଆସିଥାନ୍ତି । ରାଜଧାନୀରେ ହୋଟେଲରେ ବୈଠିକ ଓ ରହଣୀ ଆଦି ବାବଦକୁ ବିପୁଳ ଅର୍ଥ ବ୍ୟୟ ସହିତ ଯିବା ଆସିବାରେ ବ୍ୟାପକ ସମୟ ଅପଚୟ ହୋଇଥାଏ । ଏହାଦ୍ୱାରା ପୌରାଞ୍ଚଳରେ ବିକାଶ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଥାଏ।

ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ପ୍ରତ୍ୟେକ ପୌରାଞ୍ଚଳରେ ଗୋଟିଏ ଗୋଟିଏ ଓସ୍ୱାନ ସମ୍ମିଳନୀକକ୍ଷ ନିର୍ମାଣ ପାଇଁ ଯୋଜନା ହୋଇଛି। ଏହା କାର୍ଯ୍ୟକାରୀ ହେଲେ କେବଳ ଅର୍ଥ ବଞ୍ଚିବ ନାହିଁ, ସମୟ ଓ ମାନବସମ୍ବଳର ଅପଚୟକୁ ମଧ୍ୟ ରୋକାଯାଇ ପାରିବ।

# ଦକ୍ଷିଣ ଆଫ୍ରିକା ୧୫୯ରେ ଅଲଆଉଟ: ଭାରତ ୩୭/୧

**କୋଲକାତା,୧୪।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱ ଟେଷ୍ଟ ଚାମ୍ପିୟନ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ଭାରତର ଦବଦବା। ଇଡେନ ଗାର୍ଡେନ୍ସରେ ଖେଳା ଯାଉଥିବା ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ଷ୍ଟିଡଷ୍ଟାର ଯଶପ୍ରୀତ ବୁମ୍ରା ନିଜର ଜଲୱା ଦେଖାଇଛନ୍ତି। ସେ ୫ ୱିକେଟ ଦଖଲ କରିବାରୁ ଅଷ୍ଟ୍ରେଲିଆକୁ ହରାଇ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପର ତାଜ ପିନ୍ଧିଥିବା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ କେବଳ ୧୫୯ ରନରେ ଅଲଆଉଟ ହୋଇଯାଇଛି।

୨୦୦୮ ପରେ ଭାରତରେ ଖେଳା ଯାଉଥିବା ଟେଷ୍ଟର ପ୍ରଥମ ଦିନରେ କୌଣସି ବୋଲର ୫ ୱିକେଟ ଦଖଲ କରିବା ପ୍ରଥମ ଘଟଣା। ଏହାପୂର୍ବରୁ ଦକ୍ଷିଣ ଆଫ୍ରିକାର ଡେଲ ଷ୍ଟେନ ଏପରି କୀର୍ତ୍ତିମାନ ହାସଲ କରିଥିଲେ। ଏବେ ୧୭ ବର୍ଷ ପରେ ବୁମ୍ରା ସମାନ ଇତିହାସ ସୃଷ୍ଟି କରିଛନ୍ତି। ବୁମ୍ରାଙ୍କ ବ୍ୟତୀତ ମହମ୍ମଦ ସିରାଜ ଓ କୁଲଦୀପ ଯାଦବ ୨ଟି ଲେଖାଏ ଓ ଅକ୍ଷର ପଟେଲ ଗୋଟିଏ ସଫଳତା ପାଇଛନ୍ତି। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୧୫୯ ରନରେ ଅଲଆଉଟ ହେବାରୁ ଭାରତ ତା'ର ଇନିଂସ ଆରମ୍ଭ କରିଛି। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଭାରତ ଯଶସ୍ୱୀ ଜୈସୱାଲଙ୍କୁ ହରାଇ ୩୭ ରନ କରିଛନ୍ତି। ଜୈସୱାଲ ୧୨ ରନ କରି ମାର୍କୋ ଯାନସେନଙ୍କ ବଲରେ ଆଉଟ ହୋଇଛନ୍ତି। ଷ୍ଟମ୍ପ ଅପସରଣ ବେଳକୁ କେଏଲ ରାହୁଲ ୧୩ ଓ ପ୍ରମୋସନ ପାଇ ଉପରେ ବ୍ୟାଟିଂ କରୁଥିବା ୱାଶିଂଟନ ସୁନ୍ଦର ୬ ରନ କରି ଅପରାଜିତ ରହିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଦକ୍ଷିଣ ଆଫ୍ରିକା ପାଇଁ ଏଡେନ ମାର୍କରମ ଓ ରିକେଲଟନ ଦମଦାର ଆରମ୍ଭ କରିଥିଲେ। ଉଭୟ ପ୍ରଥମ ୱିକେଟ ପାଇଁ ୫୭ ରନ ମଧ୍ୟ ଯୋଡିଥିଲେ। ଏହାପରେ କିନ୍ତୁ ବୁମ୍ରା ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ସେ ପ୍ରଥମେ ରିକେଲଟ(୨୩) ଓ ପରେ ମାର୍କରମ(୩୧)ଙ୍କୁ ପ୍ୟାଭିଲିନ ପଠାଇଥିଲେ।

କୁଲଦୀପ ଯାଦବଙ୍କ ବଲରେ ଆଉଟ ହୋଇଥିଲେ ଅଧିନାୟକ ତେମ୍ବା ବଭୁମା(୩) ଓ ୱିଆନ ମୁଲ୍ଡର(୨୪)। ଟୋନୀ ଡେ



ଜୋରଜୀ କେବଳ ୨୪ ରନ କରିବାକୁ ସକ୍ଷମ ହୋଇଥିଲେ। ତାଙ୍କୁ ମଧ୍ୟ ବୁମ୍ରା ଆଉଟ କରିଥିଲେ।

ଟ୍ରିଷ୍ଟାନ ଷ୍ଟବ୍ସ ଗୋଟିଏ ପଟେ ରହିଥିଲେ ହେଁ ଅନ୍ୟପଟେ ତାଙ୍କୁ କେହି ବି ସାଥ ଦେଇ ନଥିଲେ। ମହମ୍ମଦ ସିରାଜ ଗୋଟିଏ ଓଭରରେ ପ୍ରଥମେ ଭେରୀୟେନେ(୧୫) ଓ ଯାନସେନ(୦)ଙ୍କୁ ଆଉଟ କରି ଦକ୍ଷିଣ ଆଫ୍ରିକାର ଅଣ୍ଟା ଭାଙ୍ଗି ଦେଇଥିଲେ। କୋରବିନ ବଚ୍(୩) ଅକ୍ଷର ପଟେଲଙ୍କ ବଲରେ ଆଉଟ ହୋଇଥିଲେ। ଏହାପରେ ବୁମ୍ରା ପ୍ରଥମେ ୩ ରନ କରିଥିବା ହାରମେର ଓ ଶେଷରେ କେଶବ ମହାରାଜଙ୍କୁ ଆଉଟ କରି ଦକ୍ଷିଣ ଆଫ୍ରିକା ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ। ବୁମ୍ରା ୧୪ ଓଭର ବୋଲିଂ କରି ୨୭ ରନ ଦେବା ସହ ୫ ୱିକେଟ ଦଖଲ କରିଛନ୍ତି। ଷ୍ଟବ୍ସ ଶେଷ ଯାଏ ୧୫ ରନ କରି ଅପରାଜିତ ରହିଥିଲେ।

## ନବ ବିବାହିତାଙ୍କୁ ନିର୍ଯାତନା ଦେଇ ହତ୍ୟା !

**ମାର୍ଶାଘାଇ,୧୪।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା ତିଖିରୀ ଗ୍ରାମରେ ଜଣେ ମହିଳାଙ୍କୁ ନିର୍ଯାତନା ଦେଇ ମାରିଦେଇଥିବା ନେଇ ଆଜି ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ଜଣାଯାଏ ଜଗତସିଂହପୁର ଜିଲ୍ଲା ଏରସମା ଥାନା ଥାନା ଅନ୍ତର୍ଗତ ବିଶୁନପୁର ଗ୍ରାମର ଅଜୟ ମଲିକଙ୍କ ଝିଅ ପୂଜାକୁ ୧୫ ବର୍ଷ ସମୟରୁ ମାର୍ଶାଘାଇ ଥାନା ତିଖିରୀ ଗ୍ରାମର ବିଜୟ ଦାସଙ୍କ ପୁଅ ଶ୍ରୀଧର ଦାସ ନେଇଯାଇ ଜବରଦସ୍ତ ବିବାହ କରିଥିଲେ। ଦୁଇ ବର୍ଷ ହେବ ବିବାହ ହୋଇଥିବା ବେଳେ ପରେ ପୂଜାଙ୍କୁ ନିର୍ଯାତନା ଦେଇ ଚାଲିଲେ। ଏପରିକି ମାରିଦେବାକୁ ଧମକ ଦେଉଥିଲି। ଗତ ୯ତାରିଖ ଦିନ ଖବର ପାଇଲି ମୋ ଝିଅକୁ ସ୍ୱାମୀ, ଶାଶୁ, ଶଶୁର ମାରି ଦେଇଛନ୍ତି ବୋଲି ଝିଅର ବାପା ଅଜୟ ମାର୍ଶାଘାଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇ ତଦନ୍ତ କରୁଥିବା ସୂଚନା ଦେଇଛି। ତେବେ ଏହି ଘଟଣାରେ ଝିଅର ମୃତ ଦେହ କଟକ ମଙ୍ଗଳାବାଗ ଥାନାରେ ବ୍ୟବଛେଦ ହୋଇଥିବା ବେଳେ ମାର୍ଶାଘାଇ ପୋଲିସ ତଦନ୍ତ ଆରମ୍ଭ କରୁଥିବା ପୋଲିସ ସୂଚନା ଦେଇଛି।

## ଚୋରା ମଦ ସହ କଫ ସିରପ ଜବତ: ୬ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା,୧୪।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ଟାଉନ, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ, କେନ୍ଦ୍ରାପଡ଼ା ଟାଉନ ଓ କେନ୍ଦ୍ରାପଡ଼ା ସଦର ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ତେଲେଙ୍ଗାବସନ୍ତ ଗ୍ରାମର ତ୍ରିଲୋଚନ ସାହୁ(୩୨)ଙ୍କ ଠାରୁ ୩୧ ଲିଟର ବିଦେଶୀମଦ ଓ ତ୍ରିଲୋଚନ ସାହୁ(୪୦)ଙ୍କ ଠାରୁ ୨୯ ଲିଟର ଦେଶୀ ମଦ, ବଡ଼ଜରିଆ ଗ୍ରାମର ସୁବାଶିଷ ପଣ୍ଡା(୩୨)ଙ୍କ ଠାରୁ ୩୮ ଲିଟର ବିଦେଶୀ ମଦ, ଦିଲାରପୁର ଗ୍ରାମର ସେକ ଚାନ୍ଦ(୩୪)ଙ୍କ ଠାରୁ ୪.୭ ଲିଟର କୋଡିନେ ମିଶ୍ରିତ କଫ ସିରପ, ସାହସପୁର ଗ୍ରାମର ରଜନୀକାନ୍ତ ମଲିକ(୨୬)ଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ ଏବଂ ବାବୁରାମପାଟଣା ଗ୍ରାମର ସଙ୍ଗୀତା ଦାସ(୩୧)ଙ୍କ ଠାରୁ ୧୭ ଲିଟର ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଅଛି। ସେମାନଙ୍କ ପାଖରୁ ସମୁଦାୟ ୧୩୪ ଲିଟର ବିଦେଶୀ, ଦେଶୀ ଓ କୋଡିନେ ମିଶ୍ରିତ କଫ ସିରପ ଜବତ କରାଯାଇ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ, ଛାୟାକାନ୍ତ ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ଯୁବତୀଙ୍କୁ ପ୍ରତାରଣା କରି ଜେଲ୍ ଗଲା ଯୁବକ

**ମାର୍ଶାଘାଇ,୧୪।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୩ ମସିହା ସମ୍ପର୍କକୁ ନେଇ ମାର୍ଶାଘାଇ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବ୍ଲାକ ମେଲିଙ୍ଗ୍ କରି ଜଣେ ଯୁବକ ଆଜି ମାର୍ଶାଘାଇ ପୋଲସ ଦ୍ୱାରା ଗିରଫ ହୋଇ ଆଜି କୋର୍ଟ ଚାଲଣ ହୋଇଛି। ଘଟଣାରୁ ଜଣାଯାଏ ମାର୍ଶାଘାଇ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ଯାଜପୁର ଜିଲ୍ଲା ବଡଚଣା ଥାନା ବାଘୁଆ ଗ୍ରାମର ଚନ୍ଦୁ/ ଚନ୍ଦନ ମଲିକ ପିତା ବସନ୍ତର ୨୦୨୩ ମସିହାରେ ସମ୍ପର୍କ ଗଢି ଉଠିଥିଲା। ପରବର୍ତ୍ତି ସମୟରେ ଯୁବତୀ ଜଣଙ୍କ ଚନ୍ଦନ ବିବାହିତ ତାଙ୍କର ପରିବାର ଏବଂ ଗୋଟିଏ ପୁଅ ଅଛନ୍ତି। ଏହା ଜାଣିବା ପରେ ଯୁବତୀ ଜଣକ ଦୂରେଇ ଯାଇଥିଲେ। ଚନ୍ଦନ କିନ୍ତୁ ଫେକ ଆଡି ଖୋଲି ଯୁବତୀଙ୍କ ଫଟୋ ଦେଇ ଯୁବତୀଙ୍କୁ ଯବରଦସ୍ତ ମିଳାମିଶା ପାଇଁ ଚାପ ପକାଉଥିଲା। ଯାହାକୁ ନେଇ ଯୁବତୀ ଜଣକ ଗତ ୮ତାରିଖ ଦିନ ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ମାର୍ଶାଘାଇ ପୋଲିସ(୩୪୦/୨୫)ରେ ମାମଲା ରୁଜୁ କରିଥିବା ବେଳେ ଆଜି ଚନ୍ଦନକୁ ଗିରଫକରି କୋର୍ଟ ଚାଲାଣ କରିଥିବା ଆଇଆଇସି ତପନ ନାୟକ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଜୟଙ୍କ ବଡ...

ଓ ୨୦୨୪ ସାଧାରଣ ନିର୍ବାଚନରେ ନୂଆପଡା ବିଧାନସଭା ଆସନରୁ କୌଣସି ପ୍ରାର୍ଥୀ ଜୟ ଢୋଲକିଆଙ୍କ ଭଳି ଲକ୍ଷେରୁ ଅଧିକ ଭୋଟ୍ ପାଇ ବିଜୟୀ ହୋଇ ନଥିଲେ। ଏମିତିକି କେହି ୧ ଲକ୍ଷ ପାଖାପାଖି ମଧ୍ୟ ପହଞ୍ଚି ନଥିଲେ। ସେହିଭଳି ୮୩ ହଜାରରୁ ଅଧିକ ଭୋଟ୍ ବ୍ୟବଧାନରେ ମଧ୍ୟ କେହି ଜିତି ନଥିଲେ।

୨୦୨୪ ସାଧାରଣ ନିର୍ବାଚନରେ ଜୟ ଢୋଲକିଆଙ୍କ ବାପା ରାଜେନ୍ଦ୍ର ଢୋଲକିଆ ନୂଆପଡା ଆସନରୁ ବିଜେଡିରୁ ପ୍ରାର୍ଥୀ ହୋଇ ୬୧,୮୨୨ ଖଣ୍ଡ ଭୋଟ୍ ପାଇଥିଲେ। ସେହିପରି ସେତେବେଳେ ଘାସିରାମ ମାଝୀ ସ୍ୱାଧୀନ ଭାବେ ଲଢ଼ି ୫୦ ହଜାର ୯୪୧ ଖଣ୍ଡ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ୪୪ ହଜାର ୮୧୪ ଖଣ୍ଡ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଥିଲେ। କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକ ୧୫ ହଜାର ୫୦୧ ଖଣ୍ଡ ଭୋଟ୍ ପାଇ ଚତୁର୍ଥ ସ୍ଥାନରେ ରହିଥିଲେ।

୨୦୨୪ରେ ଏହି ଆସନରେ ବିଜେଡି ୬୧,୮୨୨ ଖଣ୍ଡ ଭୋଟ୍ ମିଳିଥିବା ବେଳେ ଶେଷ ହୋଇଥିବା ଉପନିର୍ବାଚନରେ ମିଳିଛି ୩୮,୪୦୮ ଖଣ୍ଡ ଭୋଟ୍। ଅର୍ଥାତ୍ ଦଳ ଆହୁରି ୨୩, ୪୧୪ ଖଣ୍ଡ ଭୋଟ୍ ହରାଇଛି। ନିଶ୍ଚିତ ଭାବେ ଏହା ଦଳ ପାଇଁ ଏକ ବଡ ଧକ୍କା। ୨୦୦୯ରୁ ୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ନିର୍ବାଚନରେ ନୂଆପଡାରେ ବିଜେଡି ମାତ୍ର ଥରେ ପରାଜିତ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ୨୦୧୪ରେ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ବିଜେପି ପ୍ରାର୍ଥୀ ବସନ୍ତ କୁମାର ପଣ୍ଡାଙ୍କଠାରୁ ହାରି ଯାଇଥିଲେ। ବାକି ସବୁ ଥର ବିଜୟୀ ହୋଇ ପ୍ରଥମ ସ୍ଥାନରେ ରହିଥିଲା ବିଜେଡି। କିନ୍ତୁ ଏଥର ଦଳ ତୃତୀୟ ସ୍ଥାନରେ ରହିଯାଇଛି।

ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ବିଜୟ ପରେ ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ଏକ ଐତିହାସିକ ଦିନ। ଏକ ଐତିହାସିକ ମୁହୂର୍ତ୍ତ। ବିହାର ବିଧାନସଭା ନିର୍ବାଚନ ଏବଂ ନୂଆପଡା ଉପନିର୍ବାଚନରେ ଇତିହାସ ସୃଷ୍ଟି ହୋଇଛି। ନୂଆପଡା ଉପନିର୍ବାଚନରେ ଅଂଶଗ୍ରହଣ କରି ଯେଉଁମାନେ ଭାରତୀୟ ଜନତା ପାର୍ଟି (ବିଜେପି)କୁ ବିପୁଳ ସମର୍ଥନ ଜଣାଇଛନ୍ତି, ସେହିମାନଙ୍କୁ ଧନ୍ୟବାଦ ଜଣାଉଛି। ଏହି ନିର୍ବାଚନ ଓଡିଶା ରାଜନୀତି ପାଇଁ ଐତିହାସିକ। ଏହା ଆଗାମୀ ଦିନରେ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ପାଇଁ ସହଯୋଗ କରିବ।

ଅନ୍ୟପକ୍ଷରେ ନୂଆପଡା ଉପନିର୍ବାଚନରେ ବିଜୟୀ ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ନବୀନ କହିଛନ୍ତି, ନୂଆପଡାର ବିକାଶ କରିବେ ବୋଲି ଆଶା କରୁଛି। ନୂଆପଡା ନିର୍ବାଚନରେ ଯେଉଁମାନେ କଠୋର ପରିଶ୍ରମ କରିଛନ୍ତି, ଦଳର ନେତା, କର୍ମୀ ଓ ସମର୍ଥକ ସମସ୍ତେ ଭଲ କାମ କରିଛନ୍ତି। ନିର୍ବାଚନ ଆସିବ ଏବଂ ଯିବ। କିନ୍ତୁ ଆମର ମୂଲ୍ୟ ଏବଂ ଲୋକଙ୍କର ଭଲ ପାଇବା ସବୁବେଳେ ମନ ରହିବ। ଆମ ଦଳ ବିଜୁବାବୁଙ୍କ ଦ୍ୱାରା ଅନୁପ୍ରାଣିତ। ଓଡିଶାର ଲୋକଙ୍କ ଅଧିକାର ପାଇଁ ଆମର ଲଢ଼େଇ ଜାରି ରହିବ।

### ବିହାରରେ ଏନଡିଏ...

ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଏନଡିଏ ପ୍ରାୟ ୨୦୨ ଆସନରେ ବଡ଼ ବିଜୟ ହାସଲ କରିଛି।

କଂଗ୍ରେସ, ଆରଜେଡି ଏବଂ ଅନ୍ୟ ବିରୋଧୀ ଦଳ ମିଳି ଗଢ଼ିଥିବା ମହାମେଣ୍ଟକୁ ମାତ୍ର ୩୪ଟି ଆସନ ମିଳିଛି। ଅନ୍ୟାନ୍ୟ ସ୍ୱାଧୀନ ଦଳଗୁଡ଼ିକ ୬ ଆସନରେ ବିଜୟୀ ହୋଇଛନ୍ତି। ନୂଆ କରି ନିର୍ବାଚନ ଲଢ଼ିଥିବା ପ୍ରଶାନ୍ତ କିଶୋରଙ୍କ ଜନ ସୂରାଜ ପାର୍ଟି ଖାତା ଖୋଲିବାରେ ବିଫଳ ହୋଇଛି।

ଏନଡିଏ ଦଖଲ କରିଥିବା ୨୦୨ ଆସନ ମଧ୍ୟରୁ ବିଜେପି ୮୯, ଜେଡିୟୁ ୮୫, ଚିରାଗ ପାଶୱାନଙ୍କ ଏଲଜେପି ୧୯ ଏବଂ ହାମ୍ ୫ ଆସନ ପାଇଛି। ଅନ୍ୟପଟେ ମହାମେଣ୍ଟର ୩୪ ଆସନ ମଧ୍ୟରୁ ଆରଜେଡିକୁ ୨୫ ଆସନ ମିଳିଛି। କଂଗ୍ରେସକୁ ୬ ଆସନ ମିଳିଥିବବେଳେ ଅନ୍ୟ ସହଯୋଗୀ ଦଳ ୨ଟି ଆସନ ପାଇଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟରେ କରାଯାଇଛି ଭବ୍ୟ ସ୍ୱାଗତ। ଏହି ସମୟରେ ପାର୍ଟି ମୁଖ୍ୟାଳୟ 'ମୋଦି ମୋଦି' ନାରାରେ ପ୍ରକମ୍ପିତ ହୋଇଥିଲା। ପିଏମ୍ ମୋଦି ମୁଖ୍ୟାଳୟ ପହଞ୍ଚିବା ମାତ୍ରେ ପାର୍ଟି ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତା ଶାହ ଏବଂ ଦଳର ଅନ୍ୟ ବରିଷ୍ଠ ନେତା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ସମୟରେ ପିଏମ୍ ମୋଦି ଗାମୁଛା ହଲାଇ ବିଜେପି କର୍ମୀଙ୍କୁ ବିଜୟର ଶୁଭେଚ୍ଛା ଜଣାଇଛନ୍ତି।

### ଗୋରୁ ମାଫିଆଙ୍କ...

ଯୁବକଙ୍କ ମଧ୍ୟରୁ କେହି ହୋଇଥିବ ଭାବି ଗୁଳିମାଡ଼ କରିଥିଲେ। ଫଳରେ କିଛି ଜାଣି ନଥିବା ନିରୀହ ଅକ୍ଷୟଙ୍କ ବାମ ଗୋଡ଼ରେ ଏକ ଗୁଳି ବାଜିଥିଲା। ସେ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲ ଓ ପରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । କେନ୍ଦ୍ରାପଡ଼ା ଏସଡ଼ିପିଓ ଜ୍ୟୋତି ରଂଜନ ଗୌଡ଼ଙ୍କ ନିର୍ଦ୍ଦେଶରେ ସଦର ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏଥିରେ ସଂପୃକ୍ତ ଯୁବକଙ୍କ ମଧ୍ୟରୁ କାହାକୁ ଧରିବା ପୋଲିସ ପକ୍ଷେ ସମ୍ଭବପର ହୋଇନାହିଁ।

### ୭ ରାଜ୍ୟରେ...

କରାଯାଇଛି। ଏଥିରେ ଜମ୍ମୁ-କାଶ୍ମୀରର ଦୁଇଟି ବଡ଼ଗାଁ ଏବଂ ନାଗରୋଟା ଉପନିର୍ବାଚନରେ ଗୋଟିଏ ଆସାନ ପିଡିପି ହାତେଇଥିବା ବେଳେ ଗୋଟିଏ ଆସନ ବିଜେପି ନେଇଛି। ସେହିପରି ରାଜସ୍ଥାନ ଅନ୍ତାରେ ହୋଇଥିବା ଉପନିର୍ବାଚନରେ କଂଗ୍ରେସର ପ୍ରମୋଦ ଜୈନ ଭୟା ୧୫ହଜାର ୧୨ଟି ଭୋଟରେ ବିଜୟୀ ହୋଇଛନ୍ତି।

ଝାଡଖଣ୍ଡର ଘଟଶିଲା ଆସନରୁ ଜେଏମଏମର ରମେଶ ଚନ୍ଦ୍ର ସୋରେନ ଜିତିଥିବା ବେଳେ ସେ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୩୮୬୦୧ ଭୋଟରେ ପରାସ୍ତ କରିଛନ୍ତି। ତେଲେଙ୍ଗାନାର ଜୁବଲି ହିଲସ୍ ବିଧାନସଭା ନିର୍ବାଚନମଣ୍ଡଳି ପାଇଁ ହୋଇଥିବା ଉପନିର୍ବାଚନରେ କଂଗ୍ରେସର ନବୀନ ଯାଦବ ୨୪,୭୨୯ଟି ଭୋଟରେ ବିଜୟୀ ହୋଇଛନ୍ତି। ସେହିପରି ପଞ୍ଜାବର ତରନତାରନରେ ହୋଇଥିବା ଉପନିର୍ବାଚନରେ ଆପ ପ୍ରାର୍ଥୀ ହରମିତ ସିଂହ ସିନ୍ଧୁ ବିଜୟୀ ହୋଇଛନ୍ତି। ମିଜୋରାମ ଡମ୍ପା ବିଧାନସଭା ଉପନିର୍ବାଚନରେ ଏମଏନଏଫ ପ୍ରାର୍ଥୀ ଡା.ଆର. ଲାଲଥାଙ୍ଗଲିୟାନା ବିଜୟୀ ହୋଇଛନ୍ତି। ଓଡିଶାର ନୂଆପଡାରେ ବିଜେପି ପ୍ରାର୍ଥୀ ଜୟ ଢୋଲକିୟା ବିଜୟୀ ହୋଇଛନ୍ତି।

### ମାଟିରେ ମିଶିଲା...

ଜଣାପଡିବା ପରେ ଏନଏମସି ଏହି ପଦକ୍ଷେପ ନେଇଛନ୍ତି। ଏବେ ଏହି ସୂଚନା ସବୁ ରାଜ୍ୟଙ୍କ ମେଡିକାଲ କାଉନସିଲଙ୍କୁ ପଠାଇ ଦିଆଯିବ, ଯାହା ଦ୍ୱାରା ଏହି ଡାକ୍ତରମାନେ ଆଗକୁ ଯେପରି କୌଣସି ଚିକିତ୍ସକୀୟ ଗତିବିଧିରେ ସାମିଲ ହୋଇ ନ ପାରନ୍ତି।

ନ୍ୟାସନାଲ ମେଡିକାଲ କାଉନସିଲଙ୍କ ଏହି କାର୍ଯ୍ୟାନୁଷ୍ଠାନ ପରେ ଏହି ମାମଲା ଆହୁରି ଜଟିଳ ହୋଇଯାଇଥିବା ବେଳେ ନୂଆନୂଆ ସୂଚନା ସାମ୍ନାକୁ ଆସୁଛି। ଦିଲ୍ଲୀରେ ଯେଉଁ କାରରେ ବିସ୍ଫୋରଣ ହୋଇଥିଲା ସେଥିରେ ଡା. ଉମର ନବୀ ଥିଲା। ସୁରକ୍ଷା ଏଜେନ୍ସି ଗୁରୁବାର ଜମ୍ମୁ-କାଶ୍ମୀର ପୁଲବାମା ଜିଲ୍ଲା କୋଇଲ ଗାଁରେ ଥିବା ଡା. ଉମର ନବୀଙ୍କ ପୈତୃକ ବାସଭବନ ଉପରେ ବୁଲଡୋଜର ଆକ୍ସନ ନେଇ ମାଟିରେ ମିଶାଇ ଦେଇଛନ୍ତି। ଏହା ସହିତ ହରିୟାଣା ଫରିଦାବାଦସ୍ଥିତ ଅଲ-ଫଲାହ ୟୁନିଭର୍ସିଟିରୁ ୨ ଡାକ୍ତର ଓ ୨ଜଣ ଷ୍ଟାଫଙ୍କ ସମେତ ୫ ଜଣଙ୍କୁ ପୋଲିସ ଅଟକ ରଖିଛି। ଏଜେନ୍ସୀମାନେ ବିଶ୍ୱବିଦ୍ୟାଳକୁ ୨୦୧୯ରୁ ଏ ପର୍ଯ୍ୟନ୍ତ ସବୁ ରେକର୍ଡ ମଗାଇଛନ୍ତି ଓ ଏହାର ଫଣ୍ଡିଂ ଯାଞ୍ଚ କରୁଛନ୍ତି।

### ଏବେ ଚିନ୍ତାରେ...

କେଉଁ ଦିଗକୁ ଯାଉଛି ଏହାକୁ ନେଇ ଲୋକଙ୍କ ମନରେ ଉତ୍ସୁକତା ରହିବ।

ତେବେ ଘୋଷ କହିଛନ୍ତି ଯେ ପଶ୍ଚିମବଙ୍ଗରେ ବିଜେପି ଓ ନିର୍ବାଚନ ଆୟୋଗ ବିଶେଷ ଗହନ ପୁନରୀକ୍ଷଣ (ଏସଆଇଆର) ବାହାନାରେ ଷଡ଼ଯନ୍ତ୍ର କରିପାରନ୍ତି। ସେ କହିଛନ୍ତି ଯେ ଏଥି ପାଇଁ ରାଜ୍ୟରେ ଏଜେନ୍ସୀ ଓ କେନ୍ଦ୍ରୀୟ କ୍ଷମତାର ଦୁରୁପଯୋଗ ନିଶ୍ଚିତ ହେବ। ହେଲେ ଏହା ବିରୋଧରେ ତୃଣମୂଳର ଆନ୍ଦୋଳନ ଜାରି ରହିବ। ଜନତାଙ୍କ ମଧ୍ୟକୁ ଗଭୀର ପହଞ୍ଚ ଦ୍ୱାରା ତୃଣମୂଳ ରାଜ୍ୟରେ ବିଜେପିର ସବୁ ଷଡ଼ଯନ୍ତ୍ରକୁ ବିଫଳ କରିବ।

ଉଲ୍ଲେଖଯୋଗ୍ୟ ଯେ ପଶ୍ଚିମଙ୍ଗରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବ ଓ ଗତ ଦୀର୍ଘ ବର୍ଷ ଧରି ମମତା ବାନାର୍ଜୀଙ୍କ ଟିଏମସି ସରକାରରେ ଅଛି।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଅବ୍ୟବସ୍ଥା

# ଆଣ୍ଠେଇ-ଭରାଦେଇ ଧାଡ଼ିରେ ଦିବ୍ୟାଙ୍ଗ

**ପଟ୍ଟାମୁଣ୍ଡାଇ,୧୪।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ସ୍କୁଲ ଭିତରେ ଡାକ୍ତରମାନେ ଭିନ୍ନକ୍ଷମ ମାନଙ୍କ କ୍ରମାଙ୍କ ଅନୁଶାଂରେ ଚିହ୍ନଟ କରୁଥିବା ବେଳେ କ୍ରମାଙ୍କ ସଂଖ୍ୟା ଧାର୍ଯ୍ୟ ପଡିଆରେ କରାଯାଉଥିଲା। ଭିନ୍ନକ୍ଷମ ମାନେ ଆଣ୍ଠେଇ ଭରାଦେଇ ଲାଇନରେ ଥିବା ଦେଖିବାକୁ ମିଳିଥିଲା । ଶିବିରରରେ ପାଇଖାନା ବ୍ୟବସ୍ଥା ନଥିଲା । ଉଠାପାଇଖାନା ଶିବିର ସରିବା ପାପାଖି ପହଁଚିଥିଲା । ଏହାକୁ ନେଇ ଅନେକ ଭିନ୍ନକ୍ଷମ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ବିଶେଷକରି ଯେଉଁଠି ଶିବିରର ଆୟୋଜନ କରାଯାଇଥିଲା ସେଠାରେ କୌଣସି ସଠିକ ବ୍ୟାବସ୍ଥା କରାଯାଇନଥିବାରୁ ଅନେକ ଭିନ୍ନକ୍ଷମ ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗ ତଳେ ବସିଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଭିନ୍ନକ୍ଷମଙ୍କ ପାଇଁ ହୁଇଲ ଚେୟାର ବ୍ୟାବସ୍ଥା ହୋଇଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ ଥିଲା । ଯଦ୍ୱାରା ଭିନ୍ନକ୍ଷମମାନେ ନିଜସ୍ୱ ଉଦ୍ୟମରେ ଯିବାର ଦେଖା ଯାଇଥିଲା। ସଂଖ୍ୟାଧିକ ଭିନ୍ନକ୍ଷମ ଆସିଥିବାବେଳେ ସେମାନଙ୍କ ପାଇଁ ପାନୀୟଜଳ, ଉପରେ ପାଲ କିମ୍ବା ପଙ୍ଖା ଆଦିର ବ୍ୟବସ୍ଥା ମଧ୍ୟ କରାଯାଇ ନ ଥିଲା। ଶିବିରରେ ବ୍ଲକ ପ୍ରଶାସନର ଅବହେଳା ଯୋଗୁ ଶତାଧିକ ଭିନ୍ନକ୍ଷମ ବ୍ୟକ୍ତି ଖୋଲାମେଳାରେ ଡିରାଲାଗି ଛିଡା ହୋଇ ନମ୍ବର କରୁଥିବା ଦେଖିବାକୁ ମିଳିଛି । ଅନେକ ପୀକୃତ କରି ନ ପାରି ହଇରାଣ ହୋଇଥିବା ଦେଖିବାକୁ ମିଳିଛି। ସୂଚନାମତେ ଶୁକ୍ରବାର ପଟ୍ଟାମୁଣ୍ଡାଇ ବିଡିଓଙ୍କ ତତ୍ତ୍ୱାବଧାନରେ ଏମଏନ ହାଇସ୍କୁଲରେ ହୋଇଥିବା ଭୀମଭୋଇ ସାମର୍ଥ୍ୟ ଶିବିରରେ ଅସ୍ଥିଶଲ୍ୟ, ମାନସିକ ଅନଗ୍ରସର. ଚକ୍ଷୁ, ବାକ୍, ଶ୍ରବଣ ଓ ଶକ୍ତିବାଧିତ ପ୍ରମୁଖ ବିଶେଷଜ୍ଞ ଯୋଗଦେଇ ଭିନ୍ନକ୍ଷମଙ୍କୁ ଚିହ୍ନଟ କରିଥିଲେ। ଅନ୍ୟପଟେ ପର୍ଯ୍ୟାପ୍ତ ପରିମାଣରେ ଅନଲାଇନ ପୀକରଣ ପାଇଁ ବ୍ଲକ ପକ୍ଷରୁ ବ୍ୟବସ୍ଥା କରାଯାଇ ନ ଥିବାରୁ ଅନେକ ବ୍ୟକ୍ତି ପୀକୃତ କରି ନ ପାରି ନିରାଶରେ ଫେରିଛନ୍ତି ।ଅପରପକ୍ଷେ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମ ମାନଙ୍କ ପାଇଁ ଯୋଉଁ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା ସେଥିରେ ଅବ୍ୟବସ୍ଥା ଓ ପାତରଅନ୍ତର ହୋଇଥିବା କେତେ ଜଣ ଭିନ୍ନକ୍ଷମ ଓ ତାଙ୍କର ସହେଯାଗୀ ଅଭିଯୋଗ ଉଠାଇଥିଲେ। ଏ ନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପ୍ରଧାନଙ୍କୁ ପଚାରିବାରୁ ଯେତିକି ଭିନ୍ନକ୍ଷମ ଆସିଛନ୍ତି ତାଙ୍କ ଠାରୁ ଅଧିକ ସାଧାରଣ ଲୋକ ଆସିଥିବାରୁ ଏପରି ହେଇଛି ବୋଲି କହିଥିଲେ।

Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at **Janachetana Parisad Bhawan, At-Kajala, P.O/Dist -Kendrapara**, Pin-754211, Ph. : 9439698412, 9583706460
Editor : **Ambika Prasad Das** ସମ୍ପାଦକ : **ଅମ୍ବିକା ପ୍ରସାଦ ଦାସ** Chief Editor : **Umapada Bose** ମୁଖ୍ୟ ସମ୍ପାଦକ : **ଉମାପଦ ବୋଷ**